# Odisha Legislative Assembly

(ନବମ ଅଧିବେଶନ )

# ୨୯ ମାର୍ଚ୍ଚ ୨୦୨୨

----

**[ଜଙ୍ଗଲ ଓ ପରିବେଶ - ପଞ୍ଚାୟତିରାଜ ଓ ପାନୀୟ ଜଳ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା - ସଂସଦୀୟ ବ୍ୟାପାର - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଆଇନ ଗ୍ରାମ୍ୟ ଉନ୍ନୟନ ].**

**ମୋଟ ପ୍ରଶ୍ନର ସଂଖ୍ୟା - 148**

----

## ମହିଳାମାନଙ୍କ ନିମନ୍ତେ ଏକ କୋଠଘର ନିର୍ମାଣ

41 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ପ୍ରତ୍ୟେକ ଗ୍ରାମରେ ମହିଳାମାନଙ୍କ ନିମନ୍ତେ ଏକ କୋଠଘର ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଏସ.ଇ.ଏମ୍. ମାନଙ୍କ ପାରିଶ୍ରମିକ ବୃଦ୍ଧି

238 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ନିୟୋଜିତ ଏସ୍.ଇ.ଏମ୍. ମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ?

----

## ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତିକରଣ

239 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଓ.ଟି.ଏମ୍.-ଆଗ୍ରାହାଟ ଯାଜଭୈରବ ରୋଡକୁ ସମ୍ପ୍ରସାରିତ କରି ଏହାର ଉନ୍ନତିକରଣ ନିମନ୍ତେ ବଜେଟ୍ ବ୍ୟବସ୍ଥା ପୂର୍ବକ ସଡକ ଯୋଗାଯୋଗ ବ୍ୟବସ୍ଥା ସୁସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ?

----

## ବିଶୋଧିତ ପିଇବା ପାଣି ଯୋଗାଣ

240 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେତୋଟି ବ୍ଲକରେ ଉପଯୁକ୍ତ ପିଇବା ପାଣି ନଥିବା ଚିହ୍ନଟ ହୋଇଛି ଓ ଉକ୍ତ ପାଣି ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଓ ଏହାର ନିରାକରଣ ପାଇଁ କଣ ଯୋଜନା କରାଯାଇଛି ; ଭଦ୍ରକ ଜିଲ୍ଲାର ଚାନ୍ଦବାଲି, ବାସୁଦେବପୁର, ଧାମନଗର, ତିହିଡି, ବନ୍ତ ବ୍ଲକରେ ମେଗା ପାଇପ ଜଳ ପ୍ରକଳ୍ପ ମାଧ୍ୟମରେ ବିଶୋଧିତ ପିଇବା ପାଣି କେବେ ସୁଦ୍ଧା ଯୋଗାଇ ଦେବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି?

----

## ଜଙ୍ଗଲ ଅଭିବୃଦ୍ଧି ପାଇଁ ପଦକ୍ଷେପ

241 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବଣ, ଜଙ୍ଗଲ, ଗଛଲତା ଆଚ୍ଛାଦିତ ଅଞ୍ଚଳର ପରିସୀମା (ହେନ୍ତାଳ ବଣ ଓ ଆଦ୍ରଭୂମି ସହିତ) କେତେ ବର୍ଗ କିଲୋମିଟର ; ବିଗତ 2 ବର୍ଷରେ ରାଜ୍ୟରେ କେତେ ବର୍ଗ କିଲୋମିଟର ବଣ ଜଙ୍ଗଲ ଆଚ୍ଛାଦିତ ଭୂଭାଗର ଅଭିବୃଦ୍ଧି ଘଟିଛି ; କେତେ ଜଙ୍ଗଲରେ ନିଆଁ ଲାଗି କେତେ ବର୍ଗ ପରିମିତ ଜଙ୍ଗଲ ନଷ୍ଟ ହେବା ସହିତ କେତେ ଜୀବ, ଜନ୍ତୁ ଓ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଛନ୍ତି ; ଜଙ୍ଗଲ ନଷ୍ଟ ହେବା ଫଳରେ କେତେ ଜାତିର କୀଟ ପତଙ୍ଗ, ଜନ୍ତୁଜୁନ୍ତା ଯେଉଁମାନଙ୍କର ବଂଶ ଶତାବ୍ଦିର ପ୍ରାରମ୍ଭରେ ଥିଲା ତାହା ଆଜି ଦୁର୍ଲ୍ଲଭ ହୋଇପଡିଛି ; ଏହାର ସୁରକ୍ଷାପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ; ବନ ନୀତି ଅନୁସାରେ ୩୩% ଭୂଭାଗ ବଣ ଜଙ୍ଗଲ ପାଇଁ ଉଦ୍ଦିଷ୍ଟ ଥିଲା ବେଳେ ରାଜ୍ୟରେ ଏହାର ଅଭିବୃଦ୍ଧି ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସବୁ ଘରକୁ ପିଇବା ପାଣି ଯୋଗାଣ

242 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2024 ମସିହା ସୁଦ୍ଧା ରାଜ୍ୟରେ ସବୁ ଗ୍ରାମର ସବୁ ଘରକୁ ସୁଦ୍ଧ ପାଇପ ଯୋଗେ ପିଇବା ପାଣି ଯୋଗାଣ ବ୍ୟବସ୍ଥାରେ ବର୍ତ୍ତମାନ କେତେ ଘରକୁ ପାଣି ଯୋଗାଇ ଦିଆଯାଇଛି ; ଏହାର ଜିଲ୍ଲାୱାରୀ ସଂଖ୍ୟା ସରକାର ଉପସ୍ଥାପନ କରିବେ କି ; କେତେ ଗ୍ରାମରେ ପାଇପ୍ ଜଳ ଯୋଗାଣର ଅଗ୍ରଗତି କେତେ?

----

## ନୂତନ ରାଜସ୍ୱ ଗ୍ରାମ ଗଠନ

243 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ନୂତନ ରାଜସ୍ୱ ଗ୍ରାମ ଗଠନ ଦିଗରେ ସରକାରଙ୍କର ସବିଶେଷ ପଦକ୍ଷେପ କ'ଣ ; ଗଠନ ପ୍ରକ୍ରୀୟା ନିୟମର ସରଳିକରଣ ଆବଶ୍ୟକତା ଥିଲାବେଳେ ସେ ଅନୁସାରେ ଜିଲ୍ଲାପାଳମାନଙ୍କୁ ନୂତନ ନିର୍ଦ୍ଦେଶନାମା ପଠାଯାଇଛି କି ; କେବେ ସୁଦ୍ଧା ଏହି ପ୍ରକ୍ରୀୟା ସମାପ୍ତ ହେବ?

----

## ପଞ୍ଚାୟତରାଜ ବିଭାଗ ଦ୍ୱାରା ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଣ

244 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ପଞ୍ଚାୟତମାନଙ୍କୁ ପାନୀୟ ଜଳ Primary School ଛଡା ଆଉ କି କି ଦାୟିତ୍ୱ ଦିଆହୋଇଛି ଓ ଏ ସବୁ ପାଇଁ କେଉଁ କେଉଁ scheme ରୁ ଅର୍ଥ ଖର୍ଚ୍ଚ ହୋଇପାରିବ ଜଣାଇବେ କି?

----

## ବିଜୁ ସେତୁ ନିର୍ମାଣ

245 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ 2021-22 ଆର୍ଥିକ ବର୍ଷରେ କେତୋଟି ବିଜୁ ସେତୁ ନିର୍ମାଣ କରାଯିବ ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି ; (ଖ) ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁର ସଂଯୋଗୀକରଣରେ ଛାଡ ହୋଇଥିବା PMGSY Road କୁ କେଉଁ ଯୋଜନାରେ ଅର୍ଥର ବ୍ୟବସ୍ଥା କରି ସଂଯୋଗ କରିବେ?

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

246 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାରେ ମୋଟ ଗ୍ରାମ ମଧ୍ୟରୁ ଅଦ୍ୟାବଧି କେତୋଟି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି ; କେତୋଟି ଗ୍ରାମକୁ ଜଳ ଯୋଗାଣ ସମ୍ପାଦନ ପାଇଁ ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧିନ ଅଛି ; ଜିଲ୍ଲାର ପ୍ରତ୍ୟେକ ଗ୍ରାମକୁ ପାଇପ ଜଳ ଯୋଗାଣ ସୁସମ୍ପାଦନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ

247 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାରେ କେଉଁ ପ୍ରକଳ୍ପ ପାଇଁ କେତେ ଜମି ଅଧିଗ୍ରହଣ ହୋଇଛି, ତନ୍ମଧ୍ୟରୁ କେଉଁ ଦେବାଦେବୀଙ୍କର କେତେ ଜମି ଅଧିଗ୍ରହଣ ହୋଇଛି, ପ୍ରକାଶ କରି ଦେବାଦେବୀମାନଙ୍କର ଜମି ଅଧିଗ୍ରହଣ ବାବଦରେ କେତେ କ୍ଷତିପୂରଣ ରାଶି ପ୍ରଦାନ ହୋଇଛି ଓ କେତେ ବକେୟା ଅଛି, ତାହା ତୁରନ୍ତ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଲବଣାକ୍ତ ଅଞ୍ଚଳରେ ପାଇପ୍ ପାଣି ଯୋଗାଣ

248 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର ସମୁଦ୍ର ଉପକୂଳ ଅଞ୍ଚଳରେ ଭୂତଳ ଜଳ ଲବଣାକ୍ତ ହୋଇଥିବାରୁ ଏହି ଅଞ୍ଚଳରେ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନଦୀ ଜଳ ପ୍ରଦୂଷଣ ମୁକ୍ତ

249 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶାଳନ୍ଦୀ ଓ ବୈତରଣୀ ନଦୀ ପ୍ରଦୂଷିତ ହୋଇଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ଏହାକୁ ପ୍ରଦୂଷଣ ମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ

250 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଦ୍ୟାବଧି ରାଜ୍ୟର କେଉଁ ଜିଲ୍ଲାର କେତେଗୋଟି ଗ୍ରାମକୁ କେତେ ବ୍ୟୟ ଅଟକଳରେ କେତୋଟି ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ ହୋଇଥିବାବେଳେ କେତୋଟି ପ୍ରକଳ୍ପ ନିର୍ମାଣାଧୀନ ଓ ପ୍ରସ୍ତାବାଧୀନ ଅଛି, କେତୋଟି Production Well କାର୍ଯ୍ୟକ୍ଷମ ହୋଇଛି, କେତୋଟି କାର୍ଯ୍ୟକ୍ଷମ ହୋଇନାହିଁ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଜଳଯୋଗାଣ ତ୍ୱରାନ୍ୱିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି, କେବେସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ୍ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ କରାଯିବ ?

----

## ରାଜ୍ୟରେ ଥିବା ପତିତ ଜମି

251 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କେତେ ପରିମାଣର ପତିତ ଜମି ରହିଛି, ସଂପୃକ୍ତ ପତିତ ଜମି ମଧ୍ୟରୁ କେତେ ଜମି ଜବରଦଖଲରେ ରହିଛି ତାର ବିବରଣୀ ପ୍ରଦାନ କରିବେ କି, ଜବରଦଖଲରେ ଥିବା ପତିତ ଜମିକୁ ଉଦ୍ଧାର କରି ସଂପୃକ୍ତ ଜମିକୁ ପନିପରିବା ଚାଷ, ଗୋପାଳନ, ମାଛଚାଷ ଆଦିରେ ବ୍ୟବହାର କରି ରୋଜଗାରର ଏକ ମାଧ୍ୟମରେ ପରିଣତ କରିବାକୁ ଗ୍ରାମସଭାକୁ କ୍ଷମତାପ୍ରାପ୍ତ କରିବା ପାଇଁ ସରକାରଙ୍କ କି କି ଆଭିମୁଖ୍ୟ ରହିଛି ତାହା ସ୍ପଷ୍ଟ ଭାବେ ପ୍ରକାଶ କରିବେ କି ?

----

## ନଦୀଜଳ ପ୍ରଦୂଷଣର ପ୍ରତିକାର

252 **ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର କେଉଁ କେଉଁ ନଦୀର ଜଳ ପ୍ରଦୂଷିତ ହୋଇଅଛି ଏହାର କାରଣ ସମ୍ପର୍କରେ ଅନୁସନ୍ଧାନ କରାଯାଇଅଛି କି, (ଖ) ଏହାର ପ୍ରତିକାର କରିବା ପାଇଁ କି କି ପଦକ୍ଷେପମାନ ନିଆଯାଇଅଛି ?

----

## ବିଧାନସଭା ନିର୍ବାଚନମଣ୍ଡଳୀରେ ସଭାଗୃହ ନିର୍ମାଣ

253 **ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଧାନସଭାର ସଦାଚାର କମିଟିର ସୁପାରିଶ ଅନୁଯାୟୀ ରାଜ୍ୟର ପ୍ରତି ନିର୍ବାଚନ ମଣ୍ଡଳୀ କେନ୍ଦ୍ର ସ୍ଥଳରେ ବିଧାୟକ ମାନଙ୍କ ଫଳପ୍ରଦ ଭାବେ ଦାୟିତ୍ୱ ନିର୍ବାହ କରିବା ପାଇଁ ଏକ ସ୍ଥାୟୀ କାର୍ଯ୍ୟାଳୟ ସହ ସଭାଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅଛି କି, (ଖ) ଉତ୍ତର ହଁ ହେଲେ ଏହା କେବେ କାର୍ଯ୍ୟକାରୀ ହେବ ?

----

## GRS ମାନଙ୍କୁ Permanent କରିବା ସମ୍ପର୍କରେ

254 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ 2006 ମସିହାରୁ ବିଭିନ୍ନ ପଞ୍ଚାୟତରେ GRS ମାନଙ୍କର ନିଯୁକ୍ତି ସରକାର କରିଥିଲେ ଏବଂ ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତର ସମସ୍ତ କାର୍ଯ୍ୟ 15 ବର୍ଷଧରି କରି ଆସୁଥିବାର ଖବର ଅଛି କି, ଏ ପର୍ଯ୍ୟନ୍ତ ସେମାନେ ଠିକା କର୍ମଚାରୀ ଭାବରେ କାମ କରିଚାଲିଛନ୍ତି କେବେ GRS ମାନଙ୍କୁ Permanent କରିବେ ସରକାର ଜଣାଇବେ କି, Permanent ନହେବା ଦ୍ୱାରା ସେମାନଙ୍କର ଉତ୍ସାହ କମିଯିବା ସହିତ ଉନ୍ନତିମୂଳକ କାର୍ଯ୍ୟରେ ବାଧା ଉପୁଜୁଛି, କେବେ ସୁଦ୍ଧା ସରକାର ଏମାନଙ୍କ କଥା ସମାଧାନ କରିବେ ?

----

## ନୂତନ ବ୍ଲକ ପୁନର୍ଗଠନ

255 **ଶ୍ରୀ ସନାତନ ବିଜୁଳି (ବଡସାହି)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସରକାରଙ୍କର ପୁର୍ନଗଠନ ବ୍ଲକ କରିବାର ଯୋଜନା ଅଛି କି, ବଡ଼ସାହି ବ୍ଲକ ମୟୁରଭଞ୍ଜ ଜିଲ୍ଲାର ସର୍ବବୃହତ ବ୍ଲକ ୩0ଟି ପଞ୍ଚାୟତକୁ ନେଇ ଗଠିତ ସରକାର ଜାଣିଛନ୍ତି କି, ଭୌଗଳିକ ଦୃଷ୍ଟିକୋଣରୁ ଆୟତନ ଏତେ ବଡ଼ ଯେ ଉନ୍ନତିମୂଳକ ଲୋକାଭିମୁଖି କାର୍ଯ୍ୟ ଶୀଘ୍ର ହୋଇ ପାରୁନାହିଁ, ଲୋକ ମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବଡସାହି ବ୍ଲକକୁ ବିଭାଜନ କରି 15ଟି ପଞ୍ଚାୟତକୁ ନେଇ ମାଣିତ୍ରୀ ବ୍ଲକ ଗଠନ କରିବେ କି, ଯଦି ହଁ କେବେ ସୁଦ୍ଧା କରିବେ ଅବଗତ କରାଇବେ କି ?

----

## ବୈଶିଙ୍ଗାକୁ ବ୍ଲକ ମାନ୍ୟତା

256 **ଶ୍ରୀ ସନାତନ ବିଜୁଳି (ବଡସାହି)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସରକାରଙ୍କର ବ୍ଲକ ପୁର୍ନଗଠନ କରିବାର ଯୋଜନା ଅଛିକି, ବଡସାହି ନିର୍ବାଚନମଣ୍ଡଳୀର ବେତନଟୀ ବ୍ଲକ 24ଟି ପଂଚାୟତକୁ ନେଇ ଗଠିତ ସରକାର ଅବଗତ ଅଛନ୍ତି କି, ଭୌଗଳିକ ଦୃଷ୍ଟିକୋଣରୁ ଆୟତନ ଏତେ ବଡ ଯେ ଉନ୍ନତିମୂଳକ କାର୍ଯ୍ୟ ଶିଘ୍ର ହୋଇପାରୁନାହିଁ, ଲୋକମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବେତନଟୀ ବ୍ଲକକୁ ବିଭାଜନ କରି 12ଟି ପଂଚାୟତକୁ ନେଇ ବୈଶିଙ୍ଗା ବ୍ଲକ ଗଠନ କରିବେକି, ଯଦି 'ହଁ' କେବେସୁଦ୍ଧା କରିବେ ଅବଗତ କରିବେ କି?

----

## S.E.C.C. List ରେ ସଂଯୋଗ କରି ବାସଗୃହ ଯୋଗାଣ

257 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ବୃନ୍ଦାବନପୁର ପଂଚାୟତରେ ଗାଇଝର ଓ ପାଇକରାପୁର ଏବଂ କାସନ୍ଦା ପଂଚାୟତର ବଳଭଦ୍ରପୁର ପାଟଣା ଓ ବରପଲ୍ଲି ଗ୍ରାମର ଗ୍ରାମବାସୀମାନଙ୍କର ନାମ S.E.C.C. List ରେ ପଂଜିକୃତ ହୋଇନଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇପାରୁନାହାଁନ୍ତି, ତେଣୁ ସେମାନଙ୍କ ନାମ S.E.C.C. List ରେ ପଞ୍ଜିକୃତ କରାଯାଇ ସେମାନଙ୍କୁ PMAY ରେ ବାସଗୃହ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ କି?

----

## Job Card ହସ୍ତାନ୍ତର

258 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡଗାଁ ବ୍ଲକର ଭାଲିଆଡିହି ପଂଚାୟତର ଜାମୁସାହି ଗ୍ରାମର ଗ୍ରାମବାସୀମାନଙ୍କର Job Card ପଞ୍ଚୁମୁ ପଂଚାୟତ ଅଧିନରେ ଥିବାରୁ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ଯଥା ମୋ ଗୁହାଳ, ମୋ ବଗିଚା, ମୋ ପୋଖରୀ, PMAY, Dug Well, ଅଙ୍ଗନୱାଡି ସେଣ୍ଟର ଏବଂ MGNREGA କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରୁନାହାଁନ୍ତି, ତେଣୁ ସେମାନଙ୍କ Job Card କୁ ପଞ୍ଚୁମୁ ପଂଚାୟତରୁ ଭାଲିଆଡିହି ପଂଚାୟତକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବେକି?

----

## କାରଖାନାର ପ୍ରଦୂଷଣ ସ୍ଥିତି ଯାଞ୍ଚ

259 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଅନୁଗୁଳସ୍ଥିତ ଜିନ୍ଦଲ ଷ୍ଟିଲ କାରଖାନାର ପ୍ରଦୂଷଣ ମାତ୍ରା ବହୁତ ଅଧିକ କି, ଏଥିପାଇଁ ସେହି ଅଂଚଳରେ ଜନଜୀବନ ବିପନ୍ନ ହୋଇଛିକି, ଏହା ଜାଣିସୁଦ୍ଧା ସରକାର ନୀରବଦ୍ରଷ୍ଟା କି, (ଖ) ଏହି କାରଖାନାର ପ୍ରଦୂଷଣ ସ୍ଥିତି କେତେ ଯାଞ୍ଚ ହୋଇଥିଲା, ତାହାର ରିପୋର୍ଟ ଉପସ୍ଥାପନ କରିବେକି, ସରକାରଙ୍କ ପକ୍ଷରୁ ସେଠାରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କି ପଦକ୍ଷେପ ନେଇଛନ୍ତି?

----

## ବିଚାରଧିନ ଥିବା ରାଜସ୍ୱ ମାମଲା

260 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଏବେ କେତେ ରାଜସ୍ୱ ମାମଲା ପଡିରହିଛି, ତହସିଲ, ସବଡିଭିଜନ, ଜିଲ୍ଲା ଓ ରାଜସ୍ୱ ପର୍ଷଦ ତଥା ରାଜସ୍ୱ ଡିଭିଜନ ପଡିଥିବା ମାମଲା ସଂଖ୍ୟା କେତେ, ତାହାର ଜିଲ୍ଲାୱାରୀ ତଥ୍ୟ ଦେବେକି, (ଖ) ବିଭିନ୍ନ ରାଜସ୍ୱ ମାମଲାର ବିଚାର ପାଇଁ କୋରାପୁଟବାସୀ ରାଜସ୍ୱ ଡିଭିଜନ, ବ୍ରହ୍ମପୁରକୁ କିମ୍ବା ରାଜସ୍ୱ ପର୍ଷଦ କଟକୁ ଯାଉଥିବାରୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି,ଏହାକୁ ଦୃଷ୍ଟିରେ ରଖି କୋରାପୁଟଠାରେ ସ୍ୱତନ୍ତ୍ର ରାଜସ୍ୱ ଅଦାଲତ ଖୋଲାଯିବ କି?

----

## ମଠ ଓ ମନ୍ଦିରର ରକ୍ଷଣାବେକ୍ଷଣ

261 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଷୋଡଶ ବିଧାନସଭାର ଅଣତାରକା ପ୍ରଶ୍ନ ସଂଖ୍ୟା ୨୭୪ ତା. 7.12.2021 ର ଉତ୍ତରରେ ସରକାର ସ୍ୱୀକାରୋକ୍ତି ଅନୁଯାୟୀ ବଲାଙ୍ଗୀର ଜିଲ୍ଲାର ସମଲେଇ ମନ୍ଦିର/ ମନ୍ଦିର ଓ ମଠ ମାନଙ୍କର ରକ୍ଷଣାବେକ୍ଷଣ, ପୁନଃରୁଦ୍ଧାର ତଥା ଦୈନନ୍ଦିନ ନୀତିକାନ୍ତି ନିମନ୍ତେ କୌଣସି Action Plan ସରକାରଙ୍କ ହସ୍ତଗତ ହୋଇନାହିଁ, ଏହି ତଥ୍ୟ ସ୍ପଷ୍ଟଭାବରେ ସୂଚାଉଛି ଯେ ବଲାଙ୍ଗୀର ଜିଲ୍ଲାରେ ମଠ ଓ ମନ୍ଦିର ଉନ୍ନତି ନିମନ୍ତେ Action Plan ନଦେବା ହେଉଛି ଉଭୟ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଅପାରଗତା ଓ ବଲାଙ୍ଗୀର ଜିଲ୍ଲାର ମଠ ଓ ମନ୍ଦିରପ୍ରତି ବୈମାତୃକ ମନୋଭାବ ତଥା ଦାୟିତ୍ୱହୀନ କାର୍ଯ୍ୟ, ଏହି ତଥ୍ୟ ସତ୍ୟ ନୁହେଁକି, ଏଥିପାଇଁ ସରକାର corrective measure ନେଇ ବଲାଙ୍ଗୀର ଜିଲ୍ଲାର ମଠ ଓ ମନ୍ଦିର ଉନ୍ନତି ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେକି, (ଖ) ବଲାଙ୍ଗୀର ଜିଲ୍ଲାରେ ଥିବା 7୬୪ ଗୋଟି ମନ୍ଦିର ଓ 16ଗୋଟି ମଠର ବ୍ଲକୱାରୀ ତାଲିକା ଦେଇ 2010 ମସିହାଠାରୁ ଅଦ୍ୟାବଧି ଏହି ମଠ ଓ ମନ୍ଦିରୱାରୀ ଦିଆଯାଇଥିବା ସରକାରୀ ଅନୁଦାନର ସବିଶେଷ ବିବରଣୀ ଦେବେ କି ?

----

## MGNREGA Scheme ରେ ଦୁର୍ନୀତି

262 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଷୋଡଶ ବିଧାନସଭାର ଅଣତାରକା ପ୍ରଶ୍ନ ୫୨୨ ତା. 7.12.2021ର ଉତ୍ତରରେ ସରକାର ପ୍ରତିଶୃତି ଅନୁଯାୟୀ MGNREGA Scheme ରେ ଦୁର୍ନୀତି ସମ୍ବନ୍ଧେ ତା. 24.୫.2021 ର ଅଭିଯୋଗ ପତ୍ର ଉପରେ ବର୍ତ୍ତମାନସୁଦ୍ଧା ସରକାର ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ଅଭିଯୋଗୱାରୀ ତଥ୍ୟ ଉପସ୍ଥାପନ କରିବେକି?

----

## ବେଆଇନଭାବେ ଲଘୁ ଖଣିଜ ଉତ୍ତୋଳନ

263 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2015-16 ରୁ 2021-2022 ବର୍ଷ ମଧ୍ୟରେ ରାଜ୍ୟରେ ଲଘୁ ଖଣିଜ ପଟ୍ଟାଦାରଙ୍କ ମଧ୍ୟରୁ କେଉଁ ପଟ୍ଟାଦାର ବେଆଇନଭାବେ ଉତ୍ତୋଳନ ଓ ଅନୁମୋଦନ ପରିମାଣଠାରୁ ଅଧିକ ଖଣିଜ ଉତ୍ତୋଳନ, ବିନା ଟ୍ରାନଜିଟ୍ ଫର୍ମରେ ଖଣିଜ ପରିବହନ ଓ ବିକ୍ରି କରିଛନ୍ତି, ସେ ସଂପର୍କରେ ସରକାର ଅବଗତ ଅଛନ୍ତିକି, ଯଦି ଅବଗତ ଅଛନ୍ତି ତେବେ ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବା ସହ ସଂପୃକ୍ତ ପଟ୍ଟାଦାରଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କେତେ ଖଣି ପଟ୍ଟା ରଦ୍ଦ କରାଯାଇଛି, କେତେ ପରିମାଣର କି କି ଲଘୁଖଣିଜ ଜବତ କରାଯାଇଛି, କେତେ ଚୋରା ଚାଲାଣକାରୀଙ୍କ ଗାଡି ଜବତ ହୋଇଛି କେତେ ଜରିମାନା ଆଦାୟ କରାଯାଇଛି ତାର ଜିଲ୍ଲା ଓ ବର୍ଷୱାରୀ ବିବରଣୀ ପ୍ରଦାନ କରିବେକି?

----

## ମଂଜୁରୀ ପାଇଥିବା ପଦବୀରେ ଅବସ୍ଥାପିତ

264 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କ୍ଷେତ୍ରସ୍ତରରୁ ସଚିବାଳୟସ୍ତର ମଧ୍ୟରେ କେତେ ସଂଖ୍ୟକ ଇଂଜିନିୟରଙ୍କୁ କେଉଁ କେଉଁ ପଦବୀରେ ଅବସ୍ଥାପିତ କରିବା ନିମନ୍ତେ ମଂଜୁରୀ ପ୍ରଦାନ କରାଯାଇଛି, ସଂପୃକ୍ତ ପଦବୀ ମଧ୍ୟରୁ କେଉଁ କେଉଁସ୍ତରର କେତେ ପଦବୀ ଖାଲିରହିଛି, (ଖ) 2018-2019 ରୁ 2021 - 2022 ବର୍ଷରେ ବିଭାଗର ପ୍ରତିଷ୍ଠାନ ଖର୍ଚ୍ଚ, ଦରମା / ଭତ୍ତା ଓ ଆନୁସଙ୍ଗୀକ ବ୍ୟୟ କେତେ ହୋଇଥିଲା ଏବଂ ନୂତନ ପ୍ରକଳ୍ପ ନିର୍ମାଣ ରକ୍ଷଣାବେକ୍ଷଣ ତଥା ମରାମତି ଓ ସ୍ୱତନ୍ତ୍ର ମରାମତି କାର୍ଯ୍ୟରେ କେତେ ବ୍ୟୟ ବରାଦ କରାଯାଇଥିଲାବେଳେ କେଉଁ କେଉଁ କ୍ଷେତ୍ରରେ କେତେ ବ୍ୟୟ ହୋଇଥିଲା ତାର ସବିଶେଷ ବିବରଣୀ ବର୍ଷୱାରୀ ପ୍ରଦାନ କରିବା ସହ 2022- 2023 ବର୍ଷରେ ସମୁଦାୟ ବ୍ୟୟ ବରାଦରୁ କେଉଁ ଜିଲ୍ଲାରେ କେଉଁ କେଉଁ କ୍ଷେତ୍ରରେ କେତେ ବ୍ୟୟ ହେବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି?

----

## ନିର୍ମାଣାଧିନ ଥିବା ପାନୀୟଜଳ ପ୍ରକଳ୍ପ

265 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର କେଉଁ ବ୍ଲକରେ କେତେ ଗ୍ରାମ ଓ ପଡ଼ାଗ୍ରାମ ଥିଲାବେଳେ ତନ୍ମଧ୍ୟରୁ କେତୋଟି ଗ୍ରାମକୁ ପାଇପଯୋଗେ ପାନୀୟ ଜଳଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି, ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ପ୍ରକାଶକରି ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ତ୍ୱରାନ୍ୱିତ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା

266 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ କେଉଁ ତହସିଲ ଅଧିନରେ କେଉଁ କେଉଁ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପ୍ରସ୍ତାବ ବିଚାରାଧିନ ଅଛି, ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନିରନ୍ତର ପାନୀୟଜଳ ଯୋଗାଣ

267 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ନିରନ୍ତର ପାନୀୟ ଜଳଯୋଗାଣ ସୁସଂହତ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଘରଡ଼ିହହୀନ ପରିବାରକୁ ଜମି ପ୍ରଦାନ

268 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ କେତେ ଘରଡ଼ିହହୀନ ପରିବାର ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି କେତେ ପରିବାରଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ କରାଯାଇଅଛି ଓ ସମସ୍ତ ଘରଡ଼ିହହୀନ ପରିବାରକୁ ଘରଡ଼ିହ ପଟ୍ଟା ଓ ଜମି ପ୍ରଦାନପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ହିତାଧୀକାରୀଙ୍କୁ ମିଳିଥିବା ବିଜୁ ପକ୍କାଘର

269 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ ) ରାଜ୍ୟ ସରକାର 2019-20, 2020 - 21 ଏବଂ 2021 - 22 ରେ ମୋଟ କେତେ ବିଜୁପକ୍କାଘର ହିତାଧିକାରୀମାନଙ୍କୁ ଦେଇଛନ୍ତି ଏହାର ଗୋଟିଏ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; ( ଖ) ଏହି ସମସ୍ତ ଦିଆଯାଇଥିବା ବିଜୁପକ୍କାଘରରେ କେତେ ଗୋଟି ସମ୍ପୂର୍ଣ୍ଣ ନିର୍ମିତ ହେଇଛି ଓ କେତେଗୋଟି ଅର୍ଦ୍ଧ ନିର୍ମିତ ହୋଇଛି ଓ କେଉଁ ସମୟ ସୀମାଭିତରେ ସରକାର ସମସ୍ତ ବିଜୁପକ୍କାଘରକୁ ସଂମ୍ପୂର୍ଣ୍ଣ ତିଆରି କରାଇବେ ?

----

## NAC ରେ ବ୍ୟାପକ ଦୁର୍ନୀତି

270 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କଣ୍ଟାବାଞ୍ଜି NAC ରେ ବହୁପରିମାଣରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ( Development Work) ବିନା Tender ରେ କାର୍ଯ୍ୟ ଯଥା 3 ଟି Selfi Zone Centre, ବିନା Tender ରେ, RMC ପଛପଟେ ଜାଗାକୁ Dumper ରୁ ମାଟି ଆଣି ବିନା Tender ରେ ପାଟିବ,Ward No. 13 ରେ ଥିବା Warehouse କୁ ବିନା Tender ରେ ଭାଙ୍ଗିବା ଏବଂ ସପ୍ତାହିକ ବଜାର Auction ରେ ବହୁତ ପରିମାଣରେ ଦୁର୍ନୀତି ହୋଇଥିବା ସରକାର ଜାଣନ୍ତି କି; (ଖ) ଏହି କଣ୍ଟାବାଞ୍ଜି NAC ରେ ବ୍ୟାପକ ଦୁର୍ନୀତିକୁ ଉଚ୍ଚସ୍ତରୀୟ ତଦନ୍ତ କରାଇବା ପାଇଁ ସରକାର ବିଚାର କରିବେ କି ?

----

## ନିର୍ଦ୍ଧାରିତ ହୋଇଥିବା ଗସ୍ତ କାର୍ଯ୍ୟସୂଚୀ

271 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଗସ୍ତକ୍ରମ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ବୁକ ସର୍କୁଲାର 12 ଅନୁସାରେ ଏବଂ ସର୍ବଶେଷ ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ କେଉଁ ଜିଲ୍ଲାପାଳ ଉପଖଣ୍ଡ ଅଧିକାରୀ ଓ ରାଜସ୍ୱ ଆୟୁକ୍ତ କେତେ ଦିନ ଗସ୍ତ କରିବାପାଇଁ ନିର୍ଦ୍ଧାରିତ ହୋଇଛି ଓ କେଉଁମାନେ କେଉଁ ବର୍ଷ କେତେ ଦିନ ଗସ୍ତ କରିଛନ୍ତି ସେ ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଯଦି ଅବଗତ ଅଛନ୍ତି ତେବେ ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି; ( ଖ ) ଅକ୍ଟୋବର 2013 ମସିହାରେ ସଂଶୋଧିତ ଗସ୍ତକ୍ରମ ସମ୍ବନ୍ଧୀୟ ପୂର୍ବ ନିର୍ଦ୍ଦେଶାବଳୀ ଅନୁଯାୟୀ କେଉଁ ଉଦ୍ଦେଶ୍ୟ ରଖି କ୍ଷେତ୍ର ଅଧିକାରୀମାନଙ୍କ ରାତ୍ରୀ ରହଣୀ ନକଲେ ବି ଚଳିତ ବୋଲି ଉଲ୍ଲେଖ କରାଯାଇଛି; ଏହା ଦ୍ୱାରା କାହାର କି ଉଦ୍ଦେଶ୍ୟ ସାଧିତ ହେଉଅଛି ତାହା ବିସ୍ତୃତଭାବେ ଅବଗତ କରିବା ସହ ନିୟମିତ ନିର୍ଦ୍ଦେଶନାମାରେ ରାତ୍ରୀ ରହଣୀ ସମ୍ପର୍କରେ ଥିବା ଅଂଶକୁ ସଂଶୋଧନ କରି ରାତ୍ରୀ ରହଣୀ ବାଧ୍ୟତାମୂଳକ କରିବେ କି ?

----

## ଜଳଯୋଗାଣ ପୂର୍ବରୁ ମାନ ପରୀକ୍ଷଣ

272 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଜଳରେ ଥିବା Bacteria & Virus Contamination ଜାଣିବା ପାଇଁ କି କି ପ୍ରକାର ପରୀକ୍ଷା କରାଯାଇଥାଏ ଜଳଯୋଗାଣ ପୂର୍ବରୁ କି କି ପ୍ରକାରର disinfectant ବ୍ୟବହାର କରାଯାଏ ; Chlorine containing disinfectant ଯଦି ବ୍ୟବହାର ହୋଇଥାଏ ତା ହେଲେ ଏହାର ବହୁଳ ବ୍ୟବହାର ଯୋଗୁଁ ପାଣିରେ residual chlorine ପରିମାଣ ବହୁତ ରହିବା ଫଳରେ କ୍ୟାନସର ପରି ମାରାତ୍ମକ ରୋଗର କାରଣ ହୁଏ ତେବେ ଏ ପ୍ରକାରର ସମ୍ଭାବନାକୁ ଏଡ଼ାଇବା ପାଇଁ କି ପ୍ରକାରର ବ୍ୟବସ୍ଥା କରାଯାଇଛି; (ଖ) ଜଳଯୋଗାଣ ପୂର୍ବରୁ ତାହାର ମାନ କେଉଁ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ ସହ ତୁଳନା କରାଯାଇ ଯୋଗାଣ ଉପଯୁକ୍ତି ବୋଲି ଠିକ କରାଯାଏ; ବର୍ତ୍ତମାନ ରାଜ୍ୟରେ କେତୋଟି ଓ କେଉଁ କେଉଁଠାରେ ଷ୍ଟେଟ ସାର୍ଟିଫାଏଡ଼ ଲାବ୍ରୋଟୋରୀ ରହିଛି ସମ୍ପୃକ୍ତ ଲାବରଟେରୀରେ କେଉଁ କେଉଁ ପଦବୀ ସୃଷ୍ଟି କରାଯାଇ କେତେ ସ୍ଥାୟୀ ଓ ଠିକାଭିତ୍ତିରେ ନିୟୋଜିତ ହୋଇଛନ୍ତି କେତେ ପଦବୀ ଖାଲି ରହିଛି ?

----

## ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ

273 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜୟଦେବ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ ମେଗା ପାନୀୟ ଜଳ ପ୍ରସ୍ତାବ ଅଛି ତାହାର ବ୍ୟୟ ଅଟକଳ କେତେ, Tender ହୋଇଛି କି ନାହିଁ, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## ପ୍ରଧାନମନ୍ତ୍ରୀ ସଡକ ଯୋଜନା ପାଇଁ ବ୍ୟୟ

274 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ପାଇଁ tender ଡକାଯାଇଛି ଓ ବର୍ତ୍ତମାନ କେଉଁ କେଉଁ କାର୍ଯ୍ୟ ଚାଲିଛି ତାହା କେତେ ଟଙ୍କା ବ୍ୟୟରେ ଏହାର ଏକ ବିବରଣୀ ଦେବେ କି ?

----

## ନିମ୍ନମାନର ପ୍ରକଳ୍ପ କାର୍ଯ୍ୟ

275 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କୋଟି କୋଟି ଟଙ୍କା ବିନିଯୋଗରେ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଦୃଷ୍ଟିରୁ ଏହାର କାର୍ଯ୍ୟ ନିର୍ଦ୍ଧାରିତ ସମୟସିମା ଭିତରେ ସମାପ୍ତ ନ ହେବା ଓ ରକ୍ଷଣାବେକ୍ଷଣ ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି, (ଖ) ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀରେ ଅନେକ ପ୍ରକଳ୍ପର ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ଜନସାଧାରଣ ପାଇପ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି, ଏଥିପ୍ରତି ସରକାର କି ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## ୟ୍ୟାସ ବାତ୍ୟା ପାଇଁ କ୍ଷତିପୂରଣ

276 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତବର୍ଷ 2021 ରେ ଓଡିଶାରେ ସଂଘଟିତ ୟ୍ୟାସ ବାତ୍ୟା (Yaas Cyclone) ଦ୍ୱାରା ଯଶିପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରିଗୋଟି ବ୍ଲକ ଯଥା-ଯଶିପୁର, ରରୁଆଁ, ଶୁକୁଳୀ ଓ କୁସୁମୀ ବ୍ଲକରେ କେତେ ପରିମାଣର ଧନ ଓ ଜୀବନ ନଷ୍ଟ ହୋଇଛି ଏବଂ କ୍ଷତି ପୂରଣ ବାବଦକୁ କେନ୍ଦ୍ର ଓ ରାଜ୍ୟ ସରକାର କେତେ ଲେଖାଏଁ ଅର୍ଥ ପ୍ରଦାନ କରିଛନ୍ତି ତଥା କେଉଁ କେଉଁ ହୀତାଧିକାରୀଙ୍କୁ ବ୍ୟକ୍ତିଗତ ବା ସାମୂହିକ ଭାବରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ତାର ସମ୍ପୂର୍ଣ୍ଣ ବିବରଣୀ ଗ୍ରାମ ପଞ୍ଚାୟତ ଅନୁସାରେ ପ୍ରଦାନ କରିବେ କି ?

----

## Water quality index and Air quality index

277 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Water quality index (WQI) and Air quality index of each N.A.C., Municipality Block Headquarter and city with quality of water & different river of Odisha in comparison to standard paramiter fixed by Government and its impact on general health ?

----

## ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଅର୍ଥ ବ୍ୟୟ

278 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2010 ମସିହାରୁ ଏପର୍ଯ୍ୟନ୍ତ କେଉଁ କେଉଁ ଯୋଜନାରେ କେତେ ଟଙ୍କା ବ୍ୟୟରେ ବନୀକରଣ ଦ୍ୱାରା କେତେ ଏକର ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି, ସୃଷ୍ଟି ହୋଇଥିବା ନୂଆ ଜଙ୍ଗଲର GPS ମ୍ୟାପିଙ୍ଗ କରାଯାଇଛି କି, ଯଦି 'ହଁ' ତେବେ ବନୀକରଣ ରେକର୍ଡ ଅନୁଯାୟୀ GPS ମ୍ୟାପିଙ୍ଗରେ କେଉଁଠି ତାରତମ୍ୟ ପରିଲକ୍ଷିତ ହୋଇଛି ଜିଲ୍ଲାୱାରୀ ବନୀକରଣ ତଥ୍ୟ ସହ ତାରତମ୍ୟ ସଂକ୍ରାନ୍ତ ତଥ୍ୟ ଦେବେ କି ?

----

## ସରକାରୀ ଜମି ଲିଜ୍ ଦେବା

279 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2000 ମସିହା ସୁଦ୍ଧା କଟକ ଓ ଭୁବନେଶ୍ୱର ତହସିଲ ସମେତ ସାଧାରଣ ପ୍ରଶାସନ ବିଭାଗ ଭଳି ସରକାରୀ ସଂସ୍ଥା ଏବଂ ଉଭୟ ସହରର ପୌର ପ୍ରଶାସନ ଅଧୀନରେ ମୋଟ ସରକାରୀ ଜମି ପରିମାଣ କେତେ ଥିଲା, ଏପର୍ଯ୍ୟନ୍ତ ସେଥିରୁ କେତେ ଜମି କେଉଁ ବ୍ୟକ୍ତି ବିଶେଷ ଓ ଘରୋଇ ସଂସ୍ଥାକୁ ଲିଜ୍ ସୂତ୍ରରେ ଦିଆଯାଇଛି ଏବଂ ଲିଜ୍ ଜମିରୁ କେତେ କେଉଁ ମୂଲ୍ୟରେ Freehold କରାଯାଇ ବ୍ୟକ୍ତିଗତ ମାଲିକାନାକୁ ହସ୍ତାନ୍ତର କରାଯାଇଛି ସବିଶେଷ ତଥ୍ୟ ଦେବେ କି ?

----

## ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ

280 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଲେପୁର ନିର୍ବାଚନ ମଣ୍ଡଳୀର କେଉଁ ଗ୍ରାମ ପଞ୍ଚାୟତର ମୋଟ ଗ୍ରାମ ମଧ୍ୟରୁ କେତୋଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି ଓ କେତୋଟି ଗ୍ରାମର ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧିନ ଅଛି, ସମସ୍ତ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁସମ୍ପାଦନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## SUDA ମାଧ୍ୟମରେ Contractual ନିଯୁକ୍ତି

281 **ଶ୍ରୀ ଚକ୍ରମଣି କହଁର (କନ୍ଧମାଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର ସମସ୍ତ ପୌର ସଂସ୍ଥାମାନଙ୍କରେ SUDA (ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା) ମାଧ୍ୟମରେ Contractual ନିଯୁକ୍ତି ପାଇଥିବା ACCOUNTANT/MIS CP/ COMMUNITY ORGANISER ମାନେ ନିଜ ଚାକିରି ସର୍ତ୍ତାବଳୀ ବ୍ୟତୀତ ଅନ୍ୟ କାର୍ଯ୍ୟ କରିବାର ନିୟମ ଅଛି କି, କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ CONTRACTUAL CO ଗୋଷ୍ଠୀ ସଂଗଠିକା ଅର୍ଥନୈତିକ ବ୍ୟାପାରରେ (CASHIER) କୋଷାଧକ୍ଷ ଓ ଭଣ୍ଡାର (STOCK & STORE) ଦାୟୀତ୍ୱ ରଖିଥିବା ନିୟମ ସଂଗତ କି, 24.୦୪.2020 ମସିହା ଠାରୁ ୦୨.01.2022 ମସିହା ପର୍ଯ୍ୟନ୍ତ କେଉଁ ବିଭାଗରେ କେତେ ଟଙ୍କାର OFFICIAL CONTINGENCY ସହିତ ଅନ୍ୟାନ୍ୟ ଖର୍ଚ୍ଚ ହୋଇଛି ତାର ସବିଶେଷ ବିବରଣୀ ତଥା ସମସ୍ତ GSTIN BILL ପ୍ରଦାନ କରିବେ କି ?

----

## ବାଲି ପରିବହନ ଦ୍ୱାରା ନଦୀ ବନ୍ଧ ଖରାପ

282 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଥିବା ବାଲି ସଇରାତ ମାନଙ୍କର ହାଇୱା ଏବଂ ଭାରୀ ଯାନ ମାଧ୍ୟମରେ ବାଲି ପରିବହନ ହେବା କାରଣରୁ ନଦୀ ପାର୍ଶ୍ୱ ବନ୍ଧର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି, ବର୍ଷାଦିନେ ବନ୍ୟାଜଳ ନିକଟବର୍ତ୍ତୀ ଗ୍ରାମ ମାନଙ୍କରେ ପ୍ରବେଶ କରିବାର ଆଶଙ୍କା ଦେଖାଗଲାଣି ଏଣୁ ବର୍ଷାଦିନ ପୂର୍ବରୁ ନଦୀବନ୍ଧ ଗୁଡିକର ମରାମତି କରିବା ଦିଗରେ ପଦକ୍ଷେପ ନେବେ କି ?

----

## ରତ୍ନ ଭଣ୍ଡାର ଚାବି ଥିବା ସମ୍ପର୍କରେ

283 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 1970 ମସିହା ଠାରୁ ରତ୍ନ ଗୃହର ଚାବି କେଉଁଠାରେ ଥିବା ତଥା ହଜିଥିବା ତଥା ତା.14.06.2018 ରେ ଜିଲ୍ଲାପାଳଙ୍କ ମହାଫିସଖାନା (Record Room) ରୁ ପ୍ରାପ୍ତ କରିଥିବା ସମ୍ପର୍କରେ ଜାଣିବାପାଇଁ ଏକ ବିଚାର ବିବାଗୀୟ କମିଟି ଜଷ୍ଟିସ୍ ରଘୁବୀର ଦାସଙ୍କ ତତ୍ୱାବଧାନ ରେ ଗଠିତ ହୋଇ ପ୍ରଦାନ କରାଯାଇଥିବା ତଦନ୍ତ ରିପୋର୍ଟ ସମ୍ପର୍କୀୟ ତଥ୍ୟ ପ୍ରଦାନ କରିବା ସହ ରତ୍ନ ଗୃହର ଅତି ଆବଶ୍ୟକୀୟ ମରାମତି କେବେ ସୁଦ୍ଧା ଶେଷ ହେବ ସେ ସମ୍ପର୍କୀତ ପୂର୍ଣ୍ଣତଥ୍ୟ ପ୍ରଦାନ କରିବେ କି ?

----

## ପୌରାଞ୍ଚଳରେ Drink from Tap ପ୍ରକଳ୍ପ

284 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଖରାଦିନେ ଜୟପୁର ସହର ପାନୀୟ ଜଳର ସମ୍ମୁଖୀନ ହେଉଥିବାରୁ ସରକାର କି ପଦକ୍ଷେପ ନେଇଛନ୍ତି ; ଏଥିପାଇଁ ମାଷ୍ଟର ପ୍ଲାନ କୁଆଡେ ଗଲା ; (ଖ) ସେହିପରି ଭାବେ ଏହି ପୌରାଞ୍ଚଳରେ Drink from Tap ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ଓ ରାଜ୍ୟରେ କେତେ ସହରରେ ଏହି ଯୋଜନା କାର୍ଯ୍ୟକାରୀ ହେଲାଣି?

----

## ଖୋଲା ଯାଇଥିବା ଅସ୍ଥାୟୀ ଚିକିତ୍ସା କେନ୍ଦ୍ରର ସଂଖ୍ୟା

285 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋଭିଡ୍ ମହାମାରୀକୁ ମୁକାବିଲା କରିବାକୁ ଯାଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କେତେ ସ୍ଥାନରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲା ଯାଇଥିଲା ; କେତେ ସାମଗ୍ରୀ କିଣାଯାଇଥିଲା ; କେତେ ବ୍ୟୟ କରାଯାଇଥିଲା ଓ ସେହି ଅର୍ଥ କିଏ ଯୋଗାଇ ଦେଇଥିଲା ; (ଖ) ସେହି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ବନ୍ଦ ହୋଇଯାଇଥିବା ବେଳେ ସାମଗ୍ରୀ ପଡିରହିଛି କି ; ଏହାର ବିଧିବଦ୍ଧ ଅଡିଟ୍ କରାଗଲାଣି କି ; ବ୍ୟାପକ ହେରଫେର ଓ ଦୁର୍ନୀତି ସେଥିରେ ସମ୍ପୃକ୍ତ କି?

----

## ନିକୋ ପାର୍କରେ ଥିବା ଜଳାଶୟକୁ ପରିଷ୍କାର କରିବା ପାଇଁ ବ୍ୟବସ୍ଥା

286 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜଧାନୀର କେନ୍ଦ୍ର ସ୍ଥଳରେ ଥିବା ନିକୋ ପାର୍କ ଏବେ ରାଜ୍ୟ ପାଇଁ ଏକ ଲଜ୍ୟା କି ; ଉକ୍ତ ପାର୍କ ସଂଲଗ୍ନ ଜଳାଶୟ ସବୁଠାରୁ ଦୁର୍ଗନ୍ଧଯୁକ୍ତ ଓ ଅଶୋଭନୀୟ କି ; ତାହାର ଚତୁଃପାର୍ଶ୍ୱରେ ରହୁଥିବା ଲୋକେ ତ୍ରାହି ତ୍ରାହି ଡାକୁଥିଲା ବେଳେ ସରକାର ନୀରବ ରହିବାର କାରଣ କଣ ; ଏହା ଡେଙ୍ଗୁ ମଶାର ଜନ୍ମସ୍ଥଳୀ କି ; (ଖ) ସେହି ଜଳାଶୟକୁ ପରିଷ୍କାର କରିବା ଦାୟିତ୍ୱ ଉକ୍ତ ପାର୍କ କର୍ତ୍ତୃପକ୍ଷଙ୍କର ନା ସରକାରଙ୍କର ; ସ୍ମାର୍ଟ ସିଟିର କେନ୍ଦ୍ର ସ୍ଥଳରେ ଏପରି ଜଳାଶୟ ରହିବା ସମୀଚିନ କି?

----

## ବୋରିଗୁମ୍ମାକୁ ପୌର ସଂସ୍ଥାର ମାନ୍ୟତା

287 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କୋରାପୁଟ ଜିଲ୍ଲାର ଅନ୍ୟତମ ସହରାଞ୍ଚଳ ବୋରିଗୁମ୍ମାକୁ ଏକ ପୌର ସଂସ୍ଥା (ଏନ.ଏ.ସି) ରେ ପରିଣତ କରିବା ପାଇଁ ବାରମ୍ବାର ଦାବୀ ହେଉଥିବା ବେଳେ ସରକାର ତାହାକୁ ଏଡାଇ ଯିବାର କାରଣ କଣ ; (ଖ) ଏହା ଏକ ଏନ.ଏ.ସି. ହେଲେ ସମସ୍ତ ସର୍ତ୍ତାବଳୀ ପୂରଣ କରୁଛି କି ; ଏହାଠାରୁ କମ୍ ଯୋଗ୍ୟତା ଥିବା ସହରାଞ୍ଚଳକୁ ଏନ.ଏ.ସି. ମାନ୍ୟତା ଦିଆଯିବାର କାରଣ କଣ?

----

## ବିମୁଦ୍ରାକରଣର ପ୍ରଭାବ

288 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିମୁଦ୍ରାକରଣ ଯୋଗୁ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ସମେତ ରାଜ୍ୟର ଆଉ କେତେକ ମନ୍ଦିରର ବ୍ୟାପକ କ୍ଷତି ଘଟିଛି ; ଶ୍ରୀ ମନ୍ଦିରରେ ଏବେ କେତେ ଅଚଳ ନୋଟ ରହିଛି ; ତାହାକୁ ସଚଳ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହିତ କେବେ ଯୋଗାଯୋଗ କରିଥିଲେ ଓ କେନ୍ଦ୍ର କି ଉତ୍ତର ଦେଇଛି?

----

## ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ

289 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେତେଗୋଟି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି ; କେତୋଟି ପ୍ରକଳ୍ପ ନିର୍ମାଣାଧିନ ଅଛି ; ପ୍ରତ୍ୟେକ ଗ୍ରାମକୁ ପାଇପ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି?

----

## ଗ୍ରାମ୍ୟ ଉନ୍ନୟନ ରାସ୍ତା ପୁନଃନିର୍ମାଣ

290 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାର କେତେ କିଲୋମିଟର ଗ୍ରାମ ଉନ୍ନୟନ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଭଦ୍ରକ ଜିଲ୍ଲାରେ ବାତ୍ୟା ଆଶ୍ରୟସ୍ଥଳୀ ପ୍ରତିଷ୍ଠା

291 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାରେ କେଉଁ ବ୍ଲକ ଓ ପୌର ସଂସ୍ଥାରେ କେତେଗୋଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି ; କେତୋଟି ନିର୍ମାଣାଧିନ ଅଛି ପ୍ରକାଶ କରି ଜିଲ୍ଲାରେ ଅଧିକ ବାତ୍ୟା ଆଶ୍ରୟସ୍ଥଳୀ ପ୍ରତିଷ୍ଠା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି?

----

## ବସ୍ତି ଗୁଡିକର ଉନ୍ନତି ପାଇଁ ପଦକ୍ଷେପ

292 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ସହରରେ କେତେଗୋଟି ବସ୍ତୀରେ କେତେ ସଂଖ୍ୟକ ଜନସାଧାରଣ ବସବାସ କରୁଛନ୍ତି ପ୍ରକାଶ କରି ଏହି ବସ୍ତିଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଭଦ୍ରକାଳୀ ମନ୍ଦିରର ସେବା ପୂଜା ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା

293 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକର ଆରାଧ୍ୟ ଭଦ୍ରକାଳୀ ମନ୍ଦିରର ସେବା ପୂଜା ଓ ପର୍ବପର୍ବାଣି ସୁସମ୍ପାଦନ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପୂର୍ବତନ ବିଧାୟକଙ୍କ ଧର୍ମ ପତ୍ନୀଙ୍କୁ ସ୍ୱାସ୍ଥ୍ୟବୀମାରୁ ବଞ୍ଚିତ ନକରିବାକୁ ବିଚାର

294 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ପୂର୍ବତନ ବିଧାୟକମାନଙ୍କ ପାଇଁ ସରକାର(ବିଧାନ ସଭା) 5 ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କରିଛନ୍ତି ଯାହାକି ପୂର୍ବତନ ବିଧାୟକଙ୍କ ଧର୍ମପତ୍ନୀ ମଧ୍ୟ ଅନ୍ତର୍ଭୁକ୍ତ ; କିନ୍ତୁ ଯଦି କୌଣସି କାରଣରୁ ପୂର୍ବତନ ବିଧାୟକଙ୍କର ମୃତ୍ୟୁ ଘଟେ ତେବେ ଏହି ସୁବିଧା ତାଙ୍କ ଧର୍ମପତ୍ନୀଙ୍କୁ ମିଳିବ ନାହିଁ ; ଯେପରି ପୂର୍ବତନ ବିଧାୟକଙ୍କ ମୃତ୍ୟୁପରେ ତାଙ୍କ ଧର୍ମପତ୍ନୀ ପେନସନ୍ ପାଇବା ପାଇଁ ହକଦାର ହୋଇଛି ଠିକ୍ ସେହି କାରଣରୁ ପୂର୍ବତନ ବିଧାୟକ ପରଲୋକ ହୋଇଥିଲେ ମଧ୍ୟ ତାଙ୍କ ଧର୍ମ ପତ୍ନୀଙ୍କୁ ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ ନକରିବାକୁ ବିଚାର କରିବେ କି ; (ଖ) ବହୁ ପୂର୍ବତନ ବିଧାୟକ ବୟସ ଓ ଆର୍ଥିକ ଦୃଷ୍ଟି କୋଣରୁ ବହୁ ରୋଗରେ ପିଡୀତ ହେଉଛନ୍ତି ; ତେଣୁ ସେମାନଙ୍କୁ ଦିଆଯାଉଥିବା ଚିକିତ୍ସା ଭତ୍ତା ପାଞ୍ଚ ହଜାର ଟଙ୍କାରୁ ଦଶ ହଜାର ଟଙ୍କାକୁ ବୃଦ୍ଧି କରିବେ କି?

----

## ବନ୍ତ ଠାରେ JMFC କୋର୍ଟ ପ୍ରତିଷ୍ଠାରେ ବିଳମ୍ବ

295 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର ବନ୍ତ ଠାରେ ଏକ JMFC କୋର୍ଟ ଖୋଲିବାର ନିଷ୍ପତ୍ତି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓ ସରକାର ନେଇଥିଲେ ମଧ୍ୟ ଖୋଲିବାରେ ବିଳମ୍ବର କାରଣ କଣ ଓ ଏହା ଯଥାଶୀଘ୍ର ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେବେ କି?

----

## ନୂତନ NAC ଗଠନ ପାଇଁ ପ୍ରସ୍ତାବ

296 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ନୂତନ NAC ଗଠନ ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଆଗରପଡାକୁ ଏକ NAC ରୂପେ ଘୋଷଣା କରିବେ କି ; ନୂତନ NAC ଗଠନ ପାଇଁ ସରକାରଙ୍କର criteria ସମ୍ପର୍କରେ ସୂଚନା ଦେବେ କି?

----

## ପୋଲ ନିର୍ମାଣ କାର୍ଯ୍ୟ

297 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବନ୍ଧାଳୋ-ମଢିଆଳିଠାରେ ବୈତରଣୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଜୁ ସେତୁ ଯୋଜନାରେ ଭଦ୍ରକ-ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ଏକ ପୋଲ ନିର୍ମାଣ କରାଯାଉଛି ଉକ୍ତ ପୋଲ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ପଦକ୍ଷେପ ନେବେ କି ; (ଖ) ଲୋକମାନଙ୍କର ଗମନାଗମନ ଓ ଯାତାୟତର ସୁବିଧା ପାଇଁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ଗୋପିନାଥପୁର-ହରିପୁର ଠାରେ ବିଜୁ ସେତୁ ଯୋଜନାରେ ସାଳନ୍ଦୀ ନଦୀ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେବେ କି ; ରାଜ୍ୟର ପ୍ରତ୍ୟେକ ବ୍ଲକର ଗୁରୁତ୍ୱକୁ ବିଚାରକୁ ନେଇ ଗୋଟିଏ କରି ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରିବେ କି?

----

## ବିନା ଦେୟରେ ଯାତାୟତ କରିବା ପାଇଁ ବ୍ୟବସ୍ଥା

298 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ରାଜପଥରେ ଥିବା Check-Gate ମାନଙ୍କରେ ବିଧାୟକମାନଙ୍କ ପରି ପୂର୍ବତନ ବିଧାୟକମାନଙ୍କୁ ବିଧାନସଭା ତରଫରୁ ଦିଆଯାଇଥିବା ପାସରେ ବିନା ଦେୟରେ ଯାତାୟତ କରିବା ପାଇଁ ନିର୍ଦ୍ଦେଶନାମା ଦେବାକୁ ବିଚାର କରିବେ କି?

----

## କଲଭର୍ଟର ପୁନଃନିର୍ମାଣ

299 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବସ୍ତା ବ୍ଲକ ଅନ୍ତର୍ଗତ ସିଂଲା-ବେଲି ସଡକରେ (Singla-Beli) ମାଛରଙ୍କା-ସିମୁଳିଆ ବିଦ୍ୟାଳୟ ନିକଟରେ ବହୁ ପୁରୁଣା ଏକ କଲଭର୍ଟ ଭାଙ୍ଗି ଯାଇଥିବା ତଥା ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ଏହା ପୁନଃନିର୍ମାଣ ପାଇଁ ସରକାର କଣ ତୁରନ୍ତ ପଦକ୍ଷେପ ନେବେ ଏବଂ ଅସ୍ଥାୟୀ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେବେ କି?

----

## ମୁଖ୍ୟମନ୍ତ୍ରୀ ସଡକ ଯୋଜନା

300 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର/ବସ୍ତା ବ୍ଲକରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ (MMSY) ଚଳିତ ବର୍ଷ କେଉଁ ସଡକ କେତେ କି.ମି. ନିର୍ମାଣ ହେବ ଏହାର ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଛି କି ; କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହେବ?

----

## ସଡ଼କ ନିର୍ମାଣ ପାଇଁ ମଞ୍ଜୁରୀ

301 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ଜଳେଶ୍ୱର/ବସ୍ତା ବ୍ଲକରେ PMGSYରେ (ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ) କେଉଁ ସଡ଼କ ନିର୍ମାଣ କାର୍ଯ୍ୟ କେନ୍ଦ୍ର ସରକାରଙ୍କର ମଞ୍ଜୁରୀ ମିଳିଛି, ପ୍ରତ୍ୟେକଟିର ଅର୍ଥର ପରିମାଣ କେତେ, ଟେଣ୍ଡର ପ୍ରକ୍ରୀୟା କେଉଁ ସ୍ତରରେ, ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ?

----

## ପାଇପ ବିଛାଣ, ପମ୍ପ ହାଉସ୍ ନିର୍ମାଣ କାର୍ଯ୍ୟରେ ବିଳମ୍ବ

302 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବସ୍ତା ବ୍ଲକ୍ ଅନ୍ତର୍ଗତ ନଟାକଟା (NATAKATA) ଗ୍ରାମ ପଞ୍ଚାୟତର ଖଣ୍ଡପସା (KHANDAPASA) ଗ୍ରାମରେ ପାଇପ୍ ଜଳ ଯୋଗାଣ, ଯୋଜନାର ଜଳ ଉତ୍ସ କାର୍ଯ୍ୟ ବହୁ ବର୍ଷ ପୂର୍ବରୁ ପ୍ରସ୍ତୁତ ସରିଥିଲାବେଳେ ପାଇପ ବିଛାଣ, ପମ୍ପ ହାଉସ୍ ନିର୍ମାଣ, ବିଦ୍ୟୁତ୍ ସଂଯୋଗ ଇତ୍ୟାଦି ହୋଇନଥିବା ସତ୍ୟ କି, ସରକାରଙ୍କର ଏ ଦିଗରେ ସବିଶେଷ ପଦକ୍ଷେପ କ'ଣ ?

----

## ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ତୀର୍ଥ ପର୍ଯ୍ୟଟନକେନ୍ଦ୍ରର ମାନ୍ୟତା

303 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ତଥା ଅନ୍ୟାନ୍ୟ ସୋନ୍ଦର୍ଯ୍ୟକରଣର କାର୍ଯ୍ୟ ଶେଷରେ କେଉଁ ସ୍ତରରେ, ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ତୀର୍ଥ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ମିଳିବାକୁ ଆଉ କଣ ଆବଶ୍ୟକ ତାହା ସରକାର ଅନୁଧ୍ୟାନ କରିଛନ୍ତି କି ?

----

## ପଞ୍ଚାୟତ ପିଅନମାନଙ୍କ ଦରମା ବୃଦ୍ଧି

304 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ପଞ୍ଚାୟତ ପିଅନମାନଙ୍କ ଦରମା ବୃଦ୍ଧି କେବେ ସୁଦ୍ଧା ହେବ, ଗାଁ ସାଥୀମାନଙ୍କ ପାଇଁ ସରକାର କି ସୁବିଧା କରୁଛନ୍ତି ଜଣାଇବେ କି, (ଖ) PAG ମାନଙ୍କୁ Regular କରିବା ପାଇଁ ବିଚାର କରିବେ କି, ସେମାନଙ୍କର ବକେୟା ପଇସା କେବେ ସୁଦ୍ଧା ଦିଆଯିବ ?

----

## ରାସ୍ତା କାର୍ଯ୍ୟ ପାଇଁ ବ୍ୟବସ୍ଥା

305 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବେଲଖଣ୍ଡି ହାଇସ୍କୁଲ ଠାରୁ କୁଲେରକୁପା ଭାୟା ସିର୍ଜାପାଲି ଦେଇ PMGSY ବା ଅନ୍ୟ କୌଣସି Scheme ରେ ରାସ୍ତା କାର୍ଯ୍ୟ କରିବାର ବ୍ୟବସ୍ଥା କରିବେ କି, (ଖ) କଣ୍ଟପଡ଼ା N.H. ରୁ ଥାପେନ୍ ରାସ୍ତାକୁ (ନର୍ଲା ବ୍ଲକ୍) PMGSY ରେ ରାସ୍ତା କାର୍ଯ୍ୟ କରିବାର ବ୍ୟବସ୍ଥା କରିବେ କି ?

----

## ଗ୍ରାମକୁ PMGSY ରେ ସଂଯୋଗ

306 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ନୂନମା୦ N.H.-26 ରୁ N.H.-59 ବିଜ୍ ଖମନ୍ ଗ୍ରାମକୁ PMGSY ରେ ସଂଯୋଗ କରିବା ପାଇଁ ବହୁତ ଦିନରୁ ଦାବୀ ହୋଇ ଆସୁଥିଲେ ସୁଦ୍ଧା, ଏହାକୁ ବିଭାଗ କେବେ ସଂଯୋଗୀକରଣ କରିବେ ଜଣାଇବେ କି, (ଖ) ଅବୁଜବାହାଲଠାରୁ ଗଡବାହଲକୁ ରାସ୍ତା PMGSY ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କରାଯିବ କି ?

----

## ସେତୁ ନିର୍ମାଣରେ ବିଳମ୍ବ

307 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବେଲଖଣ୍ଡି ମନ୍ଦିର ନିକଟସ୍ଥ ବେଲଖଣ୍ଡି ଠାରୁ କଅଁସର ମଧ୍ୟରେ ସେତୁ ନିର୍ମାଣ କେବେ ଆରମ୍ଭ ହେଲା ଓ ଶେଷ କରିବା ପାଇଁ କେଉଁ ତାରିଖରେ Agreement ହୋଇଥିଲା, ଏହି ସେତୁ ( Bridge) ନିର୍ମାଣ ବିଳମ୍ବ ହେବାର କାରଣ କଣ, କେଉଁ ସମୟ ଭିତରେ ଏହି Bridge ସମ୍ପୂର୍ଣ୍ଣ ହେବ, ଜଣାଇବେ କି ?

----

## ପଞ୍ଚାୟତରେ Street light ବ୍ୟବସ୍ଥା

308 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡ଼ିଶାର କେଉଁ କେଉଁ ପଞ୍ଚାୟତରେ Street Light ବ୍ୟବସ୍ଥା ହୋଇଛି ଓ କେଉଁ କେଉଁ ଗ୍ରାମ ପଞ୍ଚାୟତରେ Street Light ହୋଇନାହିଁ ଜଣାଇବେ କି, (ଖ) ନର୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ G.P. ରେ Street Light ସଂଯୋଗ ହୋଇଛି, ଜଣାଇବେ କି ?

----

## ଚାନ୍ଦପୁର ସହରକୁ NAC ଘୋଷଣା କରିବା ପାଇଁ ବ୍ୟବସ୍ଥା

309 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକର ଜାତୀୟ ରାଜପଥ ନଂ ୧୬ ପାର୍ଶ୍ୱରେ ଅବସ୍ଥିତ ଚାନ୍ଦପୁର ଏକ ବହୁ ପୁରାତନ ସହର ଏବଂ ନୟାଗଡ ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ, ଏଠାରେ ସ୍କୁଲ, କଲେଜ, ଡାକ୍ତରଖାନା, ବ୍ୟାଙ୍କ, ପୋଷ୍ଟ ଅଫିସ୍, ପୋଲିସ୍ ଥାନା ଏବଂ ଅନ୍ୟାନ୍ୟ ବହୁ ସରକାରୀ କାର୍ଯ୍ୟାଳୟମାନ ଅଛି, ଏଣୁ ଚାନ୍ଦପୁର ସହରକୁ NAC ଘୋଷଣା କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## P.W.S. ଗୁଡିକୁ ସଚଳ କରି ପାନୀୟ ଜଳ ଯୋଗାଣ

310 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକ ଓ ଓଡଗାଁ ବ୍ଲକର ଅନେକ ଗ୍ରାମକୁ ଅଦ୍ୟାବଧି ପାଇପଲାଇନ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇ ପାରିନାହିଁ, ମେଗା ପାଇପ ଲାଇନ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମୟ ସାପେକ୍ଷ ହୋଇଥିବାରୁ ଉକ୍ତ ସମୟ ମଧ୍ୟରେ ଗ୍ରୀଷ୍ମ ଋତୁରେ ଅଚଳ ଅବସ୍ଥାରେ ଥିବା P.W.S. ଗୁଡିକୁ ସଚଳ କରି ଏବଂ Solar Based ପାନୀୟ ଜଳ ପ୍ରକଳ୍ପ କିମ୍ବା Tube well ମାନ ସ୍ଥାପନ କରି ଆଦୌ ପାନୀୟ ଜଳ ପାଉନଥିବା ଗ୍ରାମମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

## ଶରଣକୁଳ ସହର ଓ ରମପୁର ସହରକୁ NAC ଘୋଷଣା କରିବା ପାଇଁ ବ୍ୟବସ୍ଥା

312 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ଓଡଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ସହର ଓ ରଣପୁର ବ୍ଲକର ରାଜସୁନାଖଳା ସହରକୁ NAC ଘୋଷଣା କରିବା ପାଇଁ ଜନସାଧାରଣ ବହୁ ଦିନରୁ ଦାବୀ କରିଆସୁଥିବାରୁ ରଣପୁର ନିର୍ବାଚନ ମଣ୍ଡଳୀର ଉପରୋକ୍ତ ସହର ଦୁଇଟିକୁ NAC ଘୋଷଣା କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## R.I. Centre ଖୋଲିବା ପାଇଁ ବ୍ୟବସ୍ଥା

313 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ଓ ସୁର୍କାବାଡି ପଞ୍ଚାୟତରେ R.I. Circle ଖୋଲିବା ପାଇଁ ଜନସାଧାରଣ ବହୁ ଦିନରୁ ଦାବୀ କରି ଆସୁଥିବାରୁ ରଣପୁର ବ୍ଲକର ବନ୍ଧମୁଣ୍ଡା ଓ ସୁର୍କାବାଡି ପଞ୍ଚାୟତରେ R.I. Centre ଖୋଲିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ଉତ୍ତୋଳନ ବୃଦ୍ଧି ନିମନ୍ତେ ଜନଶୁଣାଣି

314 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା କେଉଁ ଲୌହ ଓ ମାଙ୍ଗାନିଜ ଖଣିର ଉତ୍ତୋଳନ ବୃଦ୍ଧି ନିମନ୍ତେ କେବେ ପରିବେଶୀୟ ପ୍ରଭାବ ମୂଲ୍ୟାୟନ / ପରିବେଶ ପରିଳନା ଯୋଜନା ପ୍ରସ୍ତୁତ କରାଯାଇ ଜନ ପରାମର୍ଶ / ଜନଶୁଣାଣି କରାଯାଇଥିଲା, ସଂପୃକ୍ତ ପରିବେଶୀୟ ପ୍ରଭାବ ମୂଲ୍ୟାୟନରେ ଉଲ୍ଲିଖିତ ପରିବେଶ ପର୍ଯ୍ୟବେକ୍ଷଣ କାର୍ଯ୍ୟ ନିର୍ଘଣ୍ଟ ସମ୍ବନ୍ଧୀୟ ସର୍ତ୍ତ ଅନୁଯାୟୀ ଉଦ୍ଭିଦ ଓ ଜୀବଜନ୍ତୁ, ବିଦ୍ୟମାନ କୁଅରେ ଜଳସ୍ତର, ମାଟିର ଗୁଣବତ୍ତା, ଜଳପ୍ରବାହ କ'ଣ ରହିଛି, ଏହା କେତେ ବ୍ୟବଧାନରେ ମାପିବା / ପର୍ଯ୍ୟାୟରେ କରାଯାଇଛି ସେ ସମ୍ପର୍କୀତ ଖଣିୱାରୀ ବିବରଣୀ ପ୍ରଦାନ କରିବେ କି, କେଉଁ ଖଣିରେ କେତେ ପରିମିତ ଅଞ୍ଚଳରେ ଜଳଅମଳ ପ୍ରକଳ୍ପ କେବେ ପ୍ରତିଷ୍ଠା କରାଯାଇଛି ଓ କେତେ ପରିମାଣର ବର୍ଷାଜଳକୁ ସଂଗ୍ରହ କରାଯାଇ ବ୍ୟବହାର କରାଯାଉଛି ତାର ଖଣିୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ସର୍ବାଧିକ ପ୍ରଦୂଷିତ ସ୍ଥାନର ମାନ୍ୟତା ପାଇଥିବା ସ୍ଥାନ ସମ୍ପର୍କରେ

315 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୧୪ରୁ ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାର କେଉଁ ସ୍ଥାନ toxic and hazardous substances ଦ୍ୱାରା ଅତ୍ୟନ୍ତ ପ୍ରଦୂଷିତ, ସେଥିମଧ୍ୟରୁ କେତୋଟି ଦେଶରେ ସର୍ବାଧିକ ପ୍ରଦୂଷିତ ସ୍ଥାନର ମାନ୍ୟତା ପାଇଛି, ସେହି ସ୍ଥାନଗୁଡ଼ିକରେ ପ୍ରଦୂଷଣ ମାତ୍ରା ହ୍ରାସ ଦିଗରେ କେତେ ମୂଲ୍ୟର କି କି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ରାଜ୍ୟର କେଉଁ ନଦୀ ଅବବାହିକା ତଥା ନଦୀକୂଳ ସହରାଞ୍ଚଳରେ ଜଳ ପ୍ରଦୂଷଣ ମାତ୍ରା ସର୍ବାଧିକ, କେଉଁ କେଉଁ ନଦୀମାନଙ୍କରେ ବର୍ଜ୍ୟଜଳ ପରିଚାଳନା ନିମନ୍ତେ କେତେ ମୂଲ୍ୟର କି କି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ସେହିପରି କେଉଁ କେଉଁ ଶିଳ୍ପାଞ୍ଚଳ, ଖଣିଖାଦାନରେ ବାୟୁ ପ୍ରଦୂଷଣ ମାତ୍ରା କେତେ, ପ୍ରଦୂଷଣ ହାର ହ୍ରାସ ନିମନ୍ତେ କେତେ ମୂଲ୍ୟର କି କି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସେଗୁଡ଼ିକର ବର୍ଷ, ଜିଲ୍ଲା, ନଦୀୱାରୀ ତଥ୍ୟ ଦେବେ କି ?

----

## ଲଘୁ ଖଣିଜ ପଟ୍ଟାଦର ପୈଠ କରିଥିବା ଦେୟର ପରିମାଣ

316 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶା ମାଇନର ମିନେରାଲ ରୁଲସ୍ ୨୦୧୬ ଅନୁଯାୟୀ ମାଇନିଂ ଲିଜ୍ Form - E, Part-IV (6), ଆଧାରରେ ଏନଭାରମେଣ୍ଟ ମ୍ୟାନେଜମେଣ୍ଟ ଫଣ୍ଡରେ ଅର୍ଥ ପୈଠ ପାଇଁ ପ୍ରାବଧାନ ଥିବା ସ୍ଥଳେ କେଉଁ ହାରରେ ଆଦାୟ ପାଇଁ କେବେ ସ୍ଥିରୀକୃତ କରାଗଲା ; ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତଥା ସ୍ଥିରିକୃତ ହେବା ବର୍ଷରୁ ଚଳିତ ବର୍ଷ ମଧ୍ୟରେ କେଉଁ ବର୍ଷ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଲଘୁ ଖଣିଜ ପଟ୍ଟାଦର ଏ ବାବଦରେ (Environment Management Fund) କେତେ ଦେୟ ପୈଠ କରିଛନ୍ତି, ଏନଭାରମେଣ୍ଟ ମ୍ୟାନେଜମେଣ୍ଟ ଫଣ୍ଡ ବାବଦକୁ କେଉଁ ଲିଜଧାରୀମାନେ କେତେ ଦେୟ ପୈଠ କରିଛନ୍ତି ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବା ସହ କେଉଁ କେଉଁ ଲିଜଧାରୀ ମାନଙ୍କ ଠାରୁ ଏନଭାରମେଣ୍ଟ ମ୍ୟାନେଜ୍‌ମେଣ୍ଟ ଫଣ୍ଡ ବାବଦକୁ କେତେ ଅର୍ଥ ଆଦାୟ ହୋଇନାହିଁ ତାର କାରଣ ସମ୍ପର୍କରେ ଅବଗତ କରିବେ କି ?

----

## ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିସନ ଦ୍ୱାରା ଗୃହ ନିର୍ମାଣ

317 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସହରାଞ୍ଚଳରେ ମୁଣ୍ଡ ଉପରେ ଛାତଟିଏ ପାଇବା ଏବେ ବି ଲକ୍ଷାଧିକ ଗରିବଙ୍କ ପାଇଁ ସ୍ୱପ୍ନ, ୨୦୨୨ ସୁଦ୍ଧା ସମସ୍ତଙ୍କୁ ବାସଗୃହ ଯୋଗାଇ ଦେବା ନେଇ ମୋଦୀ ସରକାରଙ୍କ ଲକ୍ଷ୍ୟ ଓଡ଼ିଶାରେ ପୂରଣ ହେବ କି, ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିସନ ଅନୁସାରେ ଗତ ୫ ବର୍ଷରେ କେତେ ଗୃହ ନିର୍ମାଣ ହୋଇଛି, ସେଥିମଧ୍ୟରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ ଯୋଜନାରେ କେତେ, ସେ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ବର୍ଷକୁ ହାରାହାରି କେତେ ଗୃହ ନିର୍ମାଣ ହେଉଛି, ଆହୁରି ମୋଟ କେତେ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦେବାର ଲକ୍ଷ୍ୟ ରହିଛି, କେବେ ସୁଦ୍ଧା ସେହି ଲକ୍ଷ୍ୟ ପୂରଣ ହେବ, ସେସବୁର ବର୍ଷ, ଜିଲ୍ଲା ଓ ଯୋଜନାୱାରୀ ତଥ୍ୟ ଦେବେ କି, ବାସଗୃହ ନିର୍ମାଣ କ୍ଷେତ୍ରରେ କି ପ୍ରତିବନ୍ଧକମାନ ରହିଛି ଦର୍ଶାଇବେ କି ?

----

## Air Quality Index ର ପରିମାଣ

318 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବର୍ତ୍ତମାନ ଓଡିଶାର ବିଭିନ୍ନ ସହର ଓ ଜିଲ୍ଲାରେ ବାୟୁ ପ୍ରଦୂଷଣ ହାର ନିର୍ଦ୍ଦିଷ୍ଟ ରୂପେ Air Quality Index(US AQI) 100 (AQI) ଟପି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିସାରିଥିବାବେଳେ ଆଗାମୀ ଦିନରେ ଏହି ହାର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଥିବା କେତେଦୂର ସତ୍ୟ, ତେବେ ସଂପ୍ରତି ଭୁବନେଶ୍ୱର, ରାଉରକେଲା, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, କଳିଙ୍ଗନଗର ସମେତ ରାଜ୍ୟର ଅନ୍ୟ କେଉଁ ସହର ଓ ଜିଲ୍ଲାରେ AQI କେତେ ଏବଂ କେଉଁ କେଉଁ ସୂତ୍ରରୁ ବାୟୁ ପ୍ରଦୂଷଣର ଏପରି ସ୍ଥିତି ଉପୁଜିଛି ତାର ତଥ୍ୟ ଓ କାରଣଗୁଡିକ ଦର୍ଶାଇବେକି, ଏହି ପରିପ୍ରେକ୍ଷୀରେ କହିବେକି ରାଜ୍ୟରେ କୋଇଲା ଦ୍ୱାରା ଉତ୍ପନ୍ନ ତାପଜ ବିଦ୍ୟୁତ ଶକ୍ତି ଉତ୍ପାଦନକୁ ନିରୁତ୍ସାହିତ କରିବା ପାଇଁ ସରକାର ସ୍ୱତନ୍ତ୍ର ନୀତି ଓ କଟକଣା ଜାରି କରିବେକି, ଯଦି କରିବେ ତେବେ କେବସୁଦ୍ଧା କରିବେ?

----

## ଚାଷ ଜମିର କିସମ ପରିବର୍ତ୍ତନ

319 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ଚାଷ ଜମିର କିସମ ପରିବର୍ତ୍ତନ ସମୟରେ ପଛପାଖ ଜମିକୁ ବାଟ ବ୍ୟବସ୍ଥା ସହ ଜଳସେଚନ, ଜଳନିଷ୍କାସନ ଓ ପାର୍ଶ୍ୱ ଜମିର ମୌଳିକତା ରକ୍ଷା ପାଇଁ କି ପ୍ରକାର ଆଇନଗତ ବ୍ୟବସ୍ଥା ଅଛି ଓଯେଉଁ ଚାଷ ଜମି ଅବରୋଧ ହୋଇଥିବା ଅଭିଯୋଗ ଆସୁଛି ସେଠାରେ ଚାଷଜମିକୁ ବାଟ ବ୍ୟବସ୍ଥା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି (ଖ) ରାଜ୍ୟରେ କେତେଗୋଟି ଚାଷ ଜମି ଅବରୋଧ ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି ଓ ତନ୍ମଧ୍ୟରୁ କେତୋଟି ଘଟଣାରେ ଚାଷୀଙ୍କ ଜମିକୁ ବାଟ ବ୍ୟବସ୍ଥା କରାଯାଇଅଛି?

----

## ଦେବାଦେବୀଙ୍କର ଭୂସମ୍ପତ୍ତି ବେଆଇନ ଭାବେ ବିକ୍ରୟ

320 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଦେବାଦେବୀଙ୍କର କେତେ ପରିମାଣର ଭୂସମ୍ପତ୍ତି ବେଆଇନ ଭାବେ ମାର୍ଫତଦାରମାନେ ବିକ୍ରୟ, ବନ୍ଧକ କରିଛନ୍ତି ପ୍ରକାଶ କରି ଠାକୁରଙ୍କ ସମ୍ପତ୍ତିକୁ ଫେରାଇ ଆଣିବାକୁ ସରକାର କି ସ୍ୱତନ୍ତ୍ର ଯୋଜନା କରୁଛନ୍ତି?

----

## ପଂଜିକୃତ ଶ୍ରମିକଙ୍କ ସଂଖ୍ୟା

321 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ବର୍ଗରେ କେତେ ସଂଖ୍ୟକ ଶ୍ରମିକ ଥିବାବେଳେ ତନ୍ମଧ୍ୟରୁ କେତେ ସଂଖ୍ୟକ ଶ୍ରମିକଙ୍କୁ ପଂଜିକୃତ କରାଯାଇଛି, ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ସମସ୍ତ ଶ୍ରମିକମାନଙ୍କୁ କର୍ମଚାରୀ ରାଜ୍ୟବୀମା ଓ ଭବିଷ୍ୟନିଧି ପରିସରଭୁକ୍ତ କରିବାକୁ ସରକାର ବ୍ୟବସ୍ଥା କରିବେକି?

----

## ବାସଗୃହ ପ୍ରକଳ୍ପ ନିର୍ମାଣ

322 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଲେପୁର ନିର୍ବାଚନମଣ୍ଡଳୀର ଟାଙ୍ଗୀ ଓ ସାଲେପୁରଠାରେ ଓଡିଶା ଗୃହ ନିର୍ମାଣ ବୋର୍ଡ ଦ୍ୱାରା ବାସଗୃହ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ପୂର୍ଣ୍ଣାଙ୍ଗ ସେତୁର ସଂଖ୍ୟା

323 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଜୁ ସେତୁ ଯୋଜନାରେ ଅଦ୍ୟାବଧି ରାଜ୍ୟରେ କେତୋଟି ସେତୁ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି, କେତୋଟି ନିର୍ମାଣଧିନ ଓ ପ୍ରସ୍ତାବଧିନ ଅଛି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ଅଧିକ ସଂଖ୍ୟକ ସେତୁ ନିର୍ମାଣ ପୂର୍ବକ ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥା ସୁସମ୍ପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଅନୁଦାନର ବିବରଣୀ

324 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ସଦର ବ୍ଲକକୁ ଉନ୍ନତି ଓ ଆମ ଗାଁ ଆମ ବିକାଶ ଯୋଜନାରେ କେଉଁ ମସିହାରେ କେତେ ଲେଖାଏଁ ଅନୁଦାନ ଯୋଗାଇ ଦିଆଯାଇଥିଲା ସେହି ଯୋଜନାରେ କେତୋଟି ସର୍ବମୋଟ ପ୍ରକଳ୍ପ କରାଯାଇଅଛି ସେହି ପ୍ରକଳ୍ପର ସଂପୁର୍ଣ୍ଣ ତାଲିକା ପଂଚାୟତୱାରୀ ଓ ମ୍ୟୁନିସିପାଲଟି ୱାର୍ଡୱାରୀ ଯୋଗାଇ ଦେବା ସହ କେଉଁଗୁଡିକ ସଂପୁର୍ଣ୍ଣ  ହୋଇଛି କେଉଁଗୁଡିକ ଅସଂପୁର୍ଣ୍ଣ ଅଛି ଓ କେଉଁଗୁଡିକ ଆଦୌ ଆରମ୍ଭ କରାଯାଇନାହିଁ ସେଗୁଡିକର ବିବରଣୀ ଓ ତାଲିକା ପ୍ରଦାନ କରିବେକି?

----

## ରାସ୍ତା ନିର୍ମାଣ ଓ ପୋଖରୀ ନିର୍ମାଣ କାର୍ଯ୍ୟ

325 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ସଦର ବ୍ଲକ ଅଧିନରେ ଥିବା ବୀରପ୍ରତାପପୁର ଗ୍ରାମ ପଂଚାୟତରେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା (MGNREGS) 2016 - 2017 ଠାରୁ 2021 - 2022 ଆର୍ଥିକ ବର୍ଷ ମାନଙ୍କରେ ଯେତେଗୁଡିକ ରାସ୍ତା ନିର୍ମାଣ ଓ ପୋଖରୀ ଖନନ କାର୍ଯ୍ୟ କରାଯାଇଛି ତାର ତାଲିକା ସହ କେଉଁଥିରେ କେତେ ଅନୁଦାନ ବିନିଯୋଗ କରାଯାଇଛି କେତେ mandays ସୃଷ୍ଟି ହୋଇଛି ତାର ତାଲିକା ପ୍ରଦାନ କରିବେକି?

----

## ସିଧାସଳଖ ଟ୍ୟାପରୁ ଶୁଦ୍ଧ ପିଇବା ପାଣି କାର୍ଯ୍ୟକ୍ରମ

326 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀରେ ଆରମ୍ଭ ହୋଇଥିବା ଦ୍ଵିନି ଫିଲଟର ବ୍ୟବସ୍ଥାରେ ସିଧାସଳଖ ଟ୍ୟାପର ଶୁଦ୍ଧ ପିଇବା ପାଣି କାର୍ଯ୍ୟକ୍ରମ କେତେଦୂର ଆଗେଇଛି ବର୍ତ୍ତମାନସୁଦ୍ଧା କେତେ ଘରକୁ ସଂଯୋଗ ହୋଇଛି, ରାଜ୍ୟର ଅନ୍ୟ କେଉଁ ସହରାଞ୍ଚଳରେ ଏଭଳିଗୁଣାତ୍ମକ ଜଳଯୋଗାଣ ନେଇ କେତେ ବ୍ୟୟ ବରାଦରେ କେତେ ପ୍ରକଳ୍ପ ହୋଇଛି, ସେଥିମଧ୍ୟରୁ କେଉଁ ସହରାଞ୍ଚଳରେ କେତେ ପ୍ରକଳ୍ପ ଅଗ୍ରଗତି କରିଛି କେବେସୁଦ୍ଧା ସେହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ତାର ବିବରଣୀ ଦେବେ କି, ବିଗତ 5 ବର୍ଷରେ ରାଜ୍ୟର କେଉଁ ସହରାଞ୍ଚଳରେ କେତେ ପିଇବା ପାଣି ପ୍ରକଳ୍ପମାନ କାର୍ଯ୍ୟକାରୀ ହୋଇଛି ସେଥିପାଇଁ କେତେ ଖର୍ଚ୍ଚ ହୋଇଛି କେତେ ଘରକୁ ପାଇପ ଯୋଗେ ଜଳ ସଂଯୋଗ ହୋଇଛି ଆଉ କେତେ ଘର ବାକି ରହିଛି କେବେସୁଦ୍ଧା ସବୁଘରକୁ ସଂଯୋଗ କରାଯିବ ସେସବୁର ବର୍ଷ ଓ ସହରାଞ୍ଚଳୱାରୀ ତଥ୍ୟ ଦେବେ କି ?

----

## କ୍ରସରକୁ କନସେଣ୍ଟକୁ ଏଷ୍ଟାବ୍ଲିସ ଓ କନସେଣ୍ଟଟୁ ଅପରେଟ ପ୍ରଦାନ

327 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ)ଃ**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେଉଁ ଜିଲ୍ଲାରେ ବାର୍ଷିକ କେତେ ପରିମାଣର ପଥର (Granite Stone Spwals) ବ୍ୟବହାର କରି ବାର୍ଷିକ କେତେ ଉତ୍ପାଦନ କ୍ଷମତା ବିଶିଷ୍ଟ କେତେଗୋଟି କ୍ରସରକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କନସେଣ୍ଟଟୁ ଏଷ୍ଟାବ୍ଲିସ ଓ କନସେଣ୍ଟ ଟୁ ଅପରେଟ କେବେ ପ୍ରଦାନ କରିଛନ୍ତି, 2015- 2016 ବର୍ଷରୁ 2021 - 2022 ବର୍ଷରେ କେଉଁ ଜିଲ୍ଲାରେ କେତେଗୋଟି କ୍ରସର ଦ୍ଵାରା କେତେ ପରିମାଣର Granite Stone Spawals ଉତ୍ପାଦନ ହୋଇଛି ତାର ବର୍ଷୱାରୀ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେକି?

----

## ବାୟୁ ଓ ଜଳ ସଂପର୍କୀତ ଅଭିଯୋଗର ସଂଖ୍ୟା

328 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ)ଃ**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କଳିଙ୍ଗନଗରସ୍ଥିତ ଭିସା କାରଖାନା ଯୋଗୁଁ ହେଉଥିବା ଜଳ ଓ ବାୟୁ ପ୍ରଦୂଷଣ ସଂପର୍କୀତ ଅଭିଯୋଗର ସତ୍ୟତା ଅଛିକି, ବାୟୁ ଓ ଜଳ ସଂପର୍କୀତ କେତେଗୋଟି ଅଭିଯୋଗ ବିଗତ 10 ବର୍ଷ ମଧ୍ୟରେ ବୋର୍ଡର ହସ୍ତଗତ ହୋଇଛି ଓ ସଂପୃକ୍ତ କେଉଁ ଅଭିଯୋଗ ଉପରେ କାହାଦ୍ଵାରା କେବେ ତଦନ୍ତ କରାଯାଇଛି ଓ କେଉଁ ଅଭିଯୋଗ ମିଥ୍ୟା ତଥ୍ୟ ଉପରେ ପର୍ଯ୍ୟବେସିତ ଓ କେଉଁ ଅଭିଯୋଗର ସତ୍ୟତା ପ୍ରତିପାଦିତ କରୁଛି ତାହା ପ୍ରକାଶ କରିବା ସହ କେଉଁ ଅଭିଯୋଗ ଉପରେ କେବେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂପର୍କୀତ ଏକ ବିବରଣୀ ପ୍ରଦାନ କରିବେ କି; (ଖ) ମିଥ୍ୟା ଅଭିଯୋଗକାରୀଙ୍କ ବିରୁଦ୍ଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେକି?

----

## ଭୂସମ୍ପତ୍ତିର ପୁନଃରୁଦ୍ଧାର

329 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାର କେଉଁ ଦେବାଦେବୀଙ୍କର କେତେ ପରିମାଣର ଭୂସମ୍ପତ୍ତି ମାର୍ଫତଦାରମାନେ ବେଆଇନ ଭାବରେ ବିକ୍ରୟ କରିଛନ୍ତି, ଏହି ସଂପତ୍ତିର ପୁନଃରୁଦ୍ଧାର ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ତହସିଲରେ ଅଧିଗ୍ରହଣ ଚାଷ ଜମିର ପରିମାଣ

330 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାରେ ଶିଳ୍ପାୟନ ପାଇଁ ଅଦ୍ୟାବଧି କେଉଁ ତହସିଲରେ କେତେ ପରିମାଣରେ ଜଳସେଚିତ ଚାଷ ଜମି ଓ ଚାଷ ଜମି ଅଧିଗ୍ରହଣ ହୋଇଛି, ପ୍ରକାଶ କରି ଜିଲ୍ଲାରେ ଚାଷ ଜମିର ଅଣଚାଷ ବିନିଯୋଗ ବନ୍ଦ ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ବ୍ରାହ୍ମଣୀକୁ ପ୍ରଦୂଷଣମୁକ୍ତ କରିବାକୁ ପଦକ୍ଷେପ

331 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବ୍ରାହ୍ମଣୀ ନଦୀ ପ୍ରଦୂଷିତ ହୋଇଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ବ୍ରାହ୍ମଣୀକୁ ପ୍ରଦୂଷଣମୁକ୍ତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଢେଙ୍କାନାଳ ସହରରେ ଆବାସିକ ପ୍ରକଳ୍ପ ନିର୍ମାଣ

332 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ସହରରେ ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ତରଫରୁ ଆବାସିକ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ତାପମାନ ହ୍ରାସ ପାଇଁ ପଦକ୍ଷେପ

333 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ, ଭୁବନେଶ୍ୱର ଓ ଚୌଦ୍ୱାର ସହର ଦିନକୁ ଦିନ ଉତ୍ତପ୍ତ ସହରରେ ପରିଣତ ହେଉଥିବା ପରିପ୍ରେକ୍ଷୀରେ ଏଠାରେ ତାପମାନ ହ୍ରାସ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ସହରରେ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ

334 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଓ ଚୌଦ୍ୱାର ସହରର ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟରେ ପଦବୀ ପୂରଣ

335 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଓ ଚୌଦ୍ୱାରଠାରେ ଥିବା କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ, ଡ଼ାକ୍ତର ଓ ଅନ୍ୟ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଦେବୋତ୍ତର ସଂସ୍ଥାର ଟ୍ରଷ୍ଟବୋର୍ଡ଼ ଗଠନ

336 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ଦେବୋତ୍ତର ସଂସ୍ଥାର ଟ୍ରଷ୍ଟ ବୋର୍ଡ଼ ଗଠନ ହୋଇନାହିଁ ପ୍ରକାଶ କରି ପ୍ରତ୍ୟେକ ଦେବୋତ୍ତର ସଂସ୍ଥାର ଟ୍ରଷ୍ଟବୋର୍ଡ଼ ଗଠନ ସହ ଏହି ମନ୍ଦିରରେ ଆୟବ୍ୟୟ, ବ୍ୟାଙ୍କରେ ଜମାକରି ଏଠାରୁ ଉଠାଣ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ନୂତନ ନଳକୂପ ଖୋଳାଯାଇଥିବା GP ର ତାଲିକା

337 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Bellaguntha Block ରେ 1.03.2017 to ୨.03.22 ପର୍ଯ୍ୟନ୍ତ କେଉଁ କେଉଁ GP ରେ ନଳକୂପ ଖୋଳାଯାଇଅଛି ତାର ଏକ ତାଲିକା ଦେବାସହ ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

## ଶ୍ରମିକମାନଙ୍କ ପାଇଁ କାର୍ଯ୍ୟାଳୟ ପ୍ରତିଷ୍ଠା

338 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Sorada ଠାରେ ଏକ ରାଜ୍ୟସରକାର ଶ୍ରମ ଓ କର୍ମଚାରୀ ବିଭାଗ ତରଫରୁ ଶ୍ରମିକମାନଙ୍କ ପାଇଁ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାପାଇଁ ସରକାର ପଦକ୍ଷେପ ନେବେ କି ?

----

**Construction of New Bridge project ସମ୍ପର୍କରେ**

339 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ CHIEF Engineer ( Buildings & Bridges, Rural Works Co) Bhubaneswar to ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଚିବଠାରୁ ପତ୍ର ଲେଖାଯାଇ ଅଛି Construction of New Bridge Project over "Badanadi" Jatrasumi Nuagada Road ସରକାର କ'ଣ ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

**ଯୋଜନାର ତାଲିକା**

340 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲାର Bellaguntha Block ରେ 2018 to 2022 ପର୍ଯ୍ୟନ୍ତ ପାନୀୟ ଜଳଯୋଜନା ( ବସୁଧା) ଯୋଜନା କାର୍ଯ୍ୟକାରୀ ହୋଇଅଛି ତାର ତାଲିକା ଦେବାସହ କେଉଁ କେଉଁଠାରେ ସମ୍ପୂର୍ଣ୍ଣ ହୋଇଅଛି ତାହା ଜଣାଇବେ କି ?

----

**ଗ୍ରାମକୁ ସଡ଼କ ସଂଯୋଗ**

341 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେତେ ଗ୍ରାମକୁ ଏ ପର୍ଯ୍ୟନ୍ତ ସଡ଼କ ସଂଯୋଗ ନାହିଁ ଓ କେବେସୁଦ୍ଧା ତାହା ସମ୍ଭବ ହେବ; ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ରାଜ୍ୟକୁ ଗତ 5 ବର୍ଷରେ ମୋଟ କେତେ ଟଙ୍କା ସହାୟତା ଆସିଛି ଓ ସେଥିରେ କେତେ କିଲୋମିଟର ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା; ଏ ପର୍ଯ୍ୟନ୍ତ ଧାର୍ଯ୍ୟ ଲକ୍ଷ୍ୟର କେତେ ପ୍ରତିଶତ ସଡ଼କ ନିର୍ମାଣ କରାଯାଇଛି ?

----

**ସ୍ୱରେଜ ଟ୍ରିଟମେଣ୍ଟ ସ୍ଥାପନ ପାଇଁ ପ୍ରସ୍ତାବ**

342 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୌରାଞ୍ଚଳ ଲୋକସଂଖ୍ୟା ଆଧାରରେ 10 ନିୟୁତ ଲିଟରରୁ 30 ନିୟୁତ ଲିଟର କ୍ଷମତାର କେତେ ସ୍ୱିରେଜ ଟ୍ରିଟମେଣ୍ଟ ( S.T.P.) ସ୍ଥାପନ କରାଯିବା ପ୍ରସ୍ତାବ ଅଛି ଓ ଏ ପର୍ଯ୍ୟନ୍ତ କେତେ ଟଙ୍କା ବ୍ୟୟରେ କେତେ STP ର ନିର୍ମାଣ ଶେଷ ହୋଇଛି ପୌରାଞ୍ଚଳୱାରୀ ପ୍ରକଳ୍ପର ଟେଣ୍ଡର ମୂଲ୍ୟ ସହ ବିଲ ବିବରଣୀ ଦେବେ କି, ସ୍ୱିରେଜ ବୋର୍ଡ଼ ଦ୍ୱାରା ପ୍ରସ୍ତୁତ ମୂଳ ଆକଳନରେ ମାଟି ସମତୁଲ ଓ ବାଲି ବିଛାଇବା ପାଇଁ ନିର୍ଦ୍ଦିଷ୍ଟ ଅଟକଳ ଥିବାବେଳେ ପରବର୍ତ୍ତୀ ଆକଳନରେ ତାହାକୁ ବାଦ ଦିଆଯାଇ ଅଟକଳ ମୂଲ୍ୟ ଅପରିବର୍ତ୍ତିତ ରହିଛି କି; ଏଥିରୁ ଫାଇଦା ଉଠାଇ ଠିକାଦାରମାନେ ମାଟି ଓ ବାଲି ବିଛା କାମ ନକରି ସେ ବାବଦରେ ବିଲ ନେଉଥିବା କିମ୍ବା ଦାବି କରୁଥିବା ସତ୍ୟ କି ; କାମରେ ସ୍ୱଚ୍ଛତା ରକ୍ଷା ସକାଶେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ କ'ଣ ?

----

## ରୋଜଗାର ହରାଇଥିବା ଶ୍ରମିକଙ୍କ ସଂଖ୍ୟା

343 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କରୋନା ସଂକ୍ରମଣକାଳରେ ଶିଳ୍ପ ସଂସ୍ଥା ଓ ବିଭିନ୍ନ କର୍ମକ୍ଷେତ୍ର ବନ୍ଦ ରହିବା ଯୋଗୁଁ ରାଜ୍ୟର କେତେ ଶ୍ରମିକ ରୋଜଗାର ହରାଇଥିଲେ ଓ ସେମାନଙ୍କୁ କେତେ ଟଙ୍କାର ସହାୟତା ମିଳିଥିଲା ସେହି ବେରୋଜଗାରଙ୍କ ମଧ୍ୟରୁ ଇତିମଧ୍ୟରେ କେତେ ଶ୍ରମିକ କର୍ମ କ୍ଷେତ୍ରକୁ ଫେରି ପୁନଃ ରୋଜଗାରକ୍ଷମ ହୋଇଛନ୍ତି ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ମେଗା ପାଇପଜଳ ପ୍ରକଳ୍ପ ସମ୍ପର୍କରେ

344 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେଉଁ କେଉଁ ବ୍ଲକରେ କେତେ ଟଙ୍କା ବ୍ୟୟରେ କେତେ ମେଗା ପାଇପଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ କେତେ ପଞ୍ଚାୟତକୁ ପାଣି ଯୋଗାଯାଉଛି ; କେଉଁ ବ୍ଲକରେ ଏଭଳି ପ୍ରକଳ୍ପ ନିର୍ମାଣାଧୀନ ଅଛି ଓ ସେସବୁ କେବେସୁଦ୍ଧା କାର୍ଯ୍ୟକ୍ଷମ ହେବ; ରାଜ୍ୟରେ ମେଗା ପାଇପ ଜଳ ପ୍ରକଳ୍ପ ସ୍ଥାପନ ନିମନ୍ତେ ମୋଟ ଅଟକଳ କେତେଥିଲା ଓ ସେଥିରୁ କେତେ ଟଙ୍କା ବିନିଯୋଗ ହୋଇଛି ବ୍ଲକୱାରୀ ତଥ୍ୟ ଦେବେ କି ?

----

## କଳାହାଣ୍ଡି ଜିଲ୍ଲାରେ ଅଧିକ ବନୀକରଣ

345 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ପରିମାଣର ଜଙ୍ଗଲ ହ୍ରାସ ବୃଦ୍ଧି ଘଟିଛି, ପ୍ରକାଶ କରି ଜିଲ୍ଲାରେ ଅଧିକ ବନୀକରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଧର୍ମଗଡ଼ ସହରର ଉନ୍ନୟନ ପାଇଁ ଯୋଜନା

346 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଧର୍ମଗଡ଼ ସହରର ସାମଗ୍ରୀକ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ ପାଇଁ ପ୍ରସ୍ତାବ ରଖିଛନ୍ତି ଅବଗତ କରିବେ କି ?

----

## କଳାହାଣ୍ଡି ଜିଲ୍ଲାରେ ଶ୍ରମିକମାନଙ୍କୁ ପଞ୍ଜିକରଣ

347 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ କେଉଁବର୍ଗର କେତେ ଶ୍ରମିକ ଚିହ୍ନଟ ହୋଇଥିବା ବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ପଞ୍ଜିକରଣ କରାଯାଇଛି, ସମସ୍ତ ଶ୍ରମିକମାନଙ୍କୁ ପଞ୍ଜିକରଣ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ବାର୍ଷିକ ଅନୁଦାନ ବୃଦ୍ଧି ପାଇଁ ବ୍ୟବସ୍ଥା

348 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର କେଉଁ ଦେବାଦେବୀଙ୍କ ସେବା ପୂଜା ପାଇଁ ବାର୍ଷିକ କେତେ ଅନୁଦାନ ପ୍ରଦାନ କରାଯାଉଅଛି ପ୍ରକାଶ କରି ଏହା ବୃଦ୍ଧି ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ରେଜିଷ୍ଟ୍ରିଭୁକ୍ତ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ତାଲିକା

349 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ତା 28 .02.22 ସୁଦ୍ଧା ଓଡ଼ିଶାର କେଉଁ ଜିଲ୍ଲାର କେତୋଟି ପରିବାର କେତେଜଣ ପ୍ରବାଶୀ ଶ୍ରମିକ ଦେଶର କେଉଁ ରାଜ୍ୟର କେଉଁ ଜିଲ୍ଲା ଓ ସଂସ୍ଥାରେ କାର୍ଯ୍ୟକରି ନିଜର ଜୀବିକା ନିର୍ବାହ କରୁଥିବା ରେଜିଷ୍ଟ୍ରିଭୁକ୍ତ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ତଥ୍ୟ ସରକାରଙ୍କ ପାଖରେ ଅଛି କି; ଯଦି ଉତ୍ତର 'ହଁ' ହୁଏ ତେବେ ତାର ଜିଲ୍ଲାୱାରୀ ତାଲିକା ଦେବେ କି ; (ଖ) ଯଦି ଉତ୍ତର 'ନା'' ହୁଏ ତେବେ ସରକାରଙ୍କ ପାଖରେ ରାଜ୍ୟ ବାହାରେ ଥିବା ରେଜିଷ୍ଟ୍ରିଭୁକ୍ତ ଓ ଅଣ ରେଜିଷ୍ଟ୍ରିଭୁକ୍ତ ଓଡ଼ିଆ ପ୍ରବାସୀ ଶ୍ରମିକମାନେ BSKY ଯୋଜନା ଓ NFSA ରେ One Nation One Ration Scheme ରେ ଆଜି ପର୍ଯ୍ୟନ୍ତ ଲାଭାନ୍ୱିତ ହେଉ ନଥିବା ଅଭିଯୋଗ ଉପରେ ଶ୍ରମ ବିଭାଗର ଭୂମିକା ସହ ଶ୍ରମ ବିଭାଗ କେଉଁପ୍ରକାର ପଦକ୍ଷେପ ନେଇଛି ସବିଶେଷ ତଥ୍ୟ ଦେବେ କି ?

----

## ଯୋଗ୍ୟ ବିବେଚିତ ଗ୍ରାମର ତାଲିକା

**350 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) "ରାଜସ୍ୱ ଗ୍ରାମ" ଘୋଷଣା ନିମନ୍ତେ ଥିବା Amended ନିୟମାବଳୀ ଅନୁଯାୟୀ ରାଜ୍ୟର କେଉଁ ତହସିଲର କେଉଁ କେଉଁ ଗ୍ରାମ "ରାଜସ୍ୱ ଗ୍ରାମ" ର ମାନ୍ୟତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଏହି ନିୟମାବଳୀ ଅନୁଯାୟୀ ଏହି ଯୋଗ୍ୟ ଗ୍ରାମମାନଙ୍କୁ ସରକାରଙ୍କର କେଉଁ ବିଧିବ୍ୟବସ୍ଥା ଓ ନିର୍ଦ୍ଦେଶାବଳିକୁ ରାଜସ୍ୱ ପ୍ରଶାସନ ଅନୁପାଳନ କରି କେବେସୁଦ୍ଧା "ରାଜସ୍ୱ ଗ୍ରାମ" ହିସାବରେ ମାନ୍ୟତା ଘୋଷଣା କରିବେ; (ଖ) ଜନସାଧାରଣଙ୍କ ଦାବୀ ଅନୁଯାୟୀ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପୁଇନ୍ତଳା ତହସିଲର ବଇରାସରକୁ ଓ ଆଗଲପୁର ତହସିଲର କୁଟାସିଂହା ଗ୍ରାମ ପଞ୍ଚାୟତର କଟାପାଲିକୁ "ରାଜସ୍ୱ ଗ୍ରାମର" ମାନ୍ୟତା ଦେବାରେ ସରକାରଙ୍କ ଆପତ୍ତି ଅଛି କି; ଯଦି ଉତ୍ତର 'ନା' ହୁଏ ତେବେ ରାଜସ୍ୱ ଗ୍ରାମର ମାନ୍ୟତା ଦେବାରେ ବିଳମ୍ବର କାରଣ ସହ କେବେସୁଦ୍ଧା ବଇରାସର ଓ କଟାପାଲିକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ ?

----

## ତଥ୍ୟ ସଂଗ୍ରହର ଉତ୍ତର ପ୍ରଦାନ ସମ୍ପର୍କରେ

**351 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଷୋଡ଼ଶ ବିଧାନସଭାର UDAQ No. 52/29.09.2020. UDAQ No. 829/06. 10.2020 ଓ UDAQ No. 698 /07.09.2021 ର ଉତ୍ତରର ତଥ୍ୟ ସରକାରଙ୍କର ହସ୍ତଗତ ହେଲାଣି କି ; (ଖ) ଯଦି ଉତ୍ତର ହଁ ହୁଏ ତେବେ ପ୍ରଶ୍ନ (କ) ରେ ଥିବା ଅଣତାରକା ପ୍ରଶ୍ନମାନଙ୍କର ଉତ୍ତର ଗୃହରେ ଉପସ୍ଥାପନ କରିବେ କି ?

----

## ଅଣତାରକା 697/ତା.07.09.21 ରିଖର ଉତ୍ତର

**352 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) Covid-19 ମହାମାରୀରେ ସରକାର ବହୁ ପ୍ରଶଂସନୀୟ କାର୍ଯ୍ୟ କରିଥିବା ଦାବୀ କରୁଥିବା ବେଳେ Covid ମହାମାରୀ ଜନିତ ରାଜ୍ୟବାସୀଙ୍କ ମୃତ୍ୟୁ ସଂଖ୍ୟା ଓ ସେମାନଙ୍କ ଶବ ବ୍ୟବଚ୍ଛେଦ ସମ୍ବନ୍ଧୀୟ ସୂଚନା ଓ ଶବ ସତ୍କାର ଖର୍ଚ୍ଚର ପରିମାଣର ବିବରଣୀର ହିସାବ ବିଧାନସଭାରେ ଅଣତାରକା ପ୍ରଶ୍ନର ଉତ୍ତର 697/ତା.07.09.2021 ରେ ତଥ୍ୟ ସଂଗ୍ରହ କରାଯାଉଛି /ଥିଲା, (ଖ) ତେବେ ଉକ୍ତ ଅଣତାରକା ପ୍ରଶ୍ନ ସଂଖ୍ୟା 697/ତା.07.09.2021 ର ସମ୍ପୂର୍ଣ୍ଣ ତଥ୍ୟ ଭିତ୍ତିକ ଉତ୍ତର ଉପସ୍ଥାପନ କରିବେ କି ?

----

## ବଂଶାନୁକ୍ରମିକ ସେବା ଅଧିକାରକୁ ଉଚ୍ଛେଦ

**353 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମାନ୍ୟବର Supreme Court ପୁରୀ ଶ୍ରୀ ମନ୍ଦିର ମଧ୍ୟରେ ଉକ୍ତ (ଦର୍ଶନାର୍ଥୀ) ମାନଙ୍କଠାରୁ ସେବାୟତମାନେ ଦକ୍ଷିଣା ନେବାକୁ ନିଷେଧ କରିବା ଓ ଠାକୁରମାନଙ୍କ ସେବା କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ସେବାୟତମାନଙ୍କ ବଂଶାନୁକ୍ରମିକ ସେବା ଅଧିକାରଙ୍କୁ ଉଚ୍ଛେଦ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ସତ୍ୟ କି, ଯଦି ଉତ୍ତର ହଁ ହୁଏ ସରକାର ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## 'ବଡାମ ଠାକୁର' ଙ୍କ ପାଇଁ ମାନେଜିଂ ଟ୍ରଷ୍ଟ ବୋର୍ଡ ଗଠନ

354 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମୟୂରଭଞ୍ଜ ଜିଲ୍ଲାଠାରେ ବସବାସ କରୁଥିବା ଆଦିବାସୀଙ୍କ ଧର୍ମ ଯେତିକି ପ୍ରାଚୀନ ସେତିକି ମହାନ ସେହି ଧର୍ମଙ୍କୁ ଆଦିଧର୍ମ କୁହାଯାଏ, ଶ୍ରୀ ଜଗନ୍ନାଥ ଓଡିଶାବାସୀଙ୍କ ଧର୍ମ ଚେତନାର ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି ବାଥୁଡି ଜନଜାତି ଶ୍ରୀ ଜଗନ୍ନାଥଙ୍କୁ "ବଡାମ" ଠାକୁର ଭାବେ ପୂଜା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ, ରାଜ୍ୟରେ ଦେବୋତ୍ତର କମିଶନ "ବଡାମ ଠାକୁର" ଙ୍କ ପାଇଁ ମାନେଜିଂ ଟ୍ରଷ୍ଟ ବୋର୍ଡ ଗଠନ କରିବାକୁ ନୋଟିଫିକେସନ କରିବାକୁ ବିହିତ ପଦକ୍ଷେପ ଗ୍ରହଣ କରିବେ କି ?

----

## ସଫାଇ କର୍ମଚାରୀମାନଙ୍କୁ କ୍ଷତିପୂରଣ

355 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ସମସ୍ତ N.A.C., Municipality ମହାନଗର ନିଗମଗୁଡିକରେ ସଫାଇ କର୍ମଚାରୀ ନିଯୁକ୍ତି ହୋଇଛନ୍ତି, ଏକ ସଫାଇ କର୍ମଚାରୀ ଦୈନିକ କେତେ ମିଟର ଝାଡୁ କରିବାକୁ ନିର୍ଦ୍ଦେଶ ଅଛି, ସଫାଇ କର୍ମଚାରୀ କାର୍ଯ୍ୟ କରୁଥିବା ସମୟରେ ଯଦି କୌଣସି ଦୁର୍ଘଟଣାରେ ସମ୍ମୁଖିନ ହୁଏ ତାର କ୍ଷତି ପୂରଣ ପାଇଁ କଣ ସବୁ ବ୍ୟବସ୍ଥା ଅଛି ବିବରଣୀ ପ୍ରଦାନ କରିବେ କି ?

----

## ଅନୁକମ୍ପାମୂଳକ ରାଶି ପ୍ରଦାନରେ ବିଳମ୍ବ

356 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ପୁରୀ ଜିଲ୍ଲାପାଳଙ୍କୁ ମାନ୍ୟବର Court ନିର୍ଦ୍ଦେଶ ମୁତାବକ File NOHFW-EW Case-0008-2019-10425/H date 24.04.19 ରେ MACT Case No-163/538 of 2004-05 ରେ ଏକ ମକଦ୍ଦମା ହୋଇଥିଲା ମୃତ୍ୟୁ ବ୍ୟକ୍ତିଙ୍କ ପରିବାରଙ୍କୁ ଅନୁକମ୍ପାମୂଳକ ଆର୍ଥିକ ରାଶି ଦେବା ପାଇଁ ବିଳମ୍ବ ହେବାର କାରଣ କଣ ତାର ତଥ୍ୟ ଦେବେ କି ?

----

## ପ୍ରକଳ୍ପ କାର୍ଯ୍ୟ

357 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିପଙ୍କର ଝୁଲା ବ୍ରୀଜ୍ ପାଇଁ ଥିବା ପ୍ରକଳ୍ପଟିକୁ କେବେସୁଦ୍ଧା ସମ୍ପୂର୍ଣ୍ଣ କରିବେ ତଥା ଝୁଲା ବ୍ରୀଜ ବ୍ୟତିରକେ ଅନ୍ୟ କୌଣସି ପ୍ରକଳ୍ପ ତଥା ଗମନାଗମନ ସୁବିଧା ପାଇଁ ସ୍ଥିର କରିଥିବା ପ୍ରକଳ୍ପ ବିଷୟରେ ପୂର୍ଣ୍ଣ ତଥ୍ୟ ରଖିବେ କି ?

----

## ପ୍ରଧାନମନ୍ତ୍ରୀ ସଡକ ଯୋଜନା ଭୁକ୍ତ

358 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୋହନା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ କେତେଗୋଟି ରାସ୍ତାକୁ R.D. Deptt. ପ୍ରଧାନମନ୍ତ୍ରୀ ସଡକ ଯୋଜନାଭୁକ୍ତ କରିଛି ଏବଂ ଏ ସମସ୍ତ ନିର୍ମାଣ ବାବଦରେ କେତେ ଟଙ୍କା ଆକଳନ କରାଯାଇଛି ଏବଂ କେବେସୁଦ୍ଧା ସେ ସମସ୍ତ କାର୍ଯ୍ୟ ସରିବ ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ପୌରଧାରା 344 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ

359 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- U.D. ପ୍ରଶ୍ନ ସଂଖ୍ୟା 667 ତା.23.02.2021 ରିଖ ଉତ୍ତର ପରିପ୍ରେକ୍ଷୀରେ ପୌରଧାରା 344 ଅନୁଯାୟୀ କେଉଁମାନଙ୍କର ବିରୁଦ୍ଧରେ ଏବଂ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, ଏତଦ ସହ ବର୍ତ୍ତମାନ 3 ନମ୍ବର ୱାର୍ଡର Drain କାମ ହେଉଥିବା ସମୟରେ ଉକ୍ତ ରାସ୍ତାକୁ କାଢି ନିଜ ଗୃହର ମଇଳା ତଥା ଦୁର୍ଗନ୍ଧ ପାଣିକୁ ଛାଡି (ଖୋଲା) ଉପରୋକ୍ତ ସ୍ଥାନକୁ ପ୍ରଦ୍ୟୁଷଣ କରାଉଥିବା ମ୍ୟୁନସିପାଲିଟି କର୍ତ୍ତୃପକ୍ଷ ଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରୁଥିବାର ଉଦ୍ଦେଶ୍ୟ କଣ ଏବଂ କେବେସୁଦ୍ଧା ସେମାନଙ୍କୁ ଚିହ୍ନଟ କରାଯାଇ ଉଚିତ ପଦକ୍ଷେପମାନ ଗ୍ରହଣ କରାଯିବ ସେ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ କି ?

----

## ବିଚ୍ଛିନ୍ନାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରର ସୁରକ୍ଷା

360 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ, ପଶ୍ଚିମବଙ୍ଗ, ଝାଡଖଣ୍ଡ ରାଜ୍ୟରେ ଥିବା ପୁରାତନ ଓଡିଆ ଭାଷାଭାଷୀ ଗଡଜାତମାନଙ୍କରେ ଥିବା ଜଗନ୍ନାଥ ମନ୍ଦିରଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବା ଓ କେତେକ ସ୍ଥାନରେ ରଥଯାତ୍ରା ମଧ୍ୟ ବନ୍ଦ ହୋଇଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ବିଚ୍ଛିନ୍ନାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରର ସୁରକ୍ଷା ଓ ଜାନିଯାତ୍ରା ସୁସମ୍ପାଦନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କ୍ରସର କର୍ମଚାରୀଙ୍କ ସାମାଜିକ ସୁରକ୍ଷା

361 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା କ୍ରସରମାନଙ୍କରେ କେତେ ସଂଖ୍ୟକ କର୍ମଚାରୀ ନିୟୋଜିତ ଅଛନ୍ତି, ସେମାନଙ୍କ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବନ୍ଧ, ପୋଖରୀ ଓ ଜଳାଶୟରେ ମତ୍ସ୍ୟ ଚାଷ

362 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ସହରରେ କେତେ ଆୟତନ ବିଶିଷ୍ଟ କେଉଁ କେଉଁ ବନ୍ଧ, ପୋଖରୀ ଓ ଜଳାଶୟ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନରେ ଅଛି, ପ୍ରକାଶ କରି ଏହାକୁ ସଂସ୍କାରପୂର୍ବକ ମତ୍ସ୍ୟଚାଷ ଭିତ୍ତିଭୂମି ଉନ୍ନୟନ ସହିତ ଏହାକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପୋଖରୀକୁ ଜବରଦଖଲମୁକ୍ତ କରିବା ପାଇଁ ପଦକ୍ଷେପ

363 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚନ୍ଦ୍ରଶେଖରପୁର ମୌଜା Pl. No.-462 Khata-619 ରେ ଥିବା ପୋଖରୀଟି ସର୍ବ ସାଧାରଣ ଅଟେ, ଉକ୍ତ ପୋଖରୀକୁ କିଛି ଖଳ ପ୍ରକୃତି ଲୋକ ଜବରଦଖଲ କରିବାଦ୍ୱାରା ଜନସାଧାରଣ ବ୍ୟବହାର ନ କରିପାରିବାରୁ ଉଚ୍ଚ ନ୍ୟାୟାଳୟରେ W.P. (C) PIL No.-1179/2018 Code No.-219900 ରେ କେସ ହୋଇଥିଲା, ମାନ୍ୟବର ଉଚ୍ଚ ନ୍ୟାୟାଳୟର ରାୟ ଅନୁଯାୟୀ ଉଚ୍ଛେଦ କରିବା କଥା, କିନ୍ତୁ B.D.A.V.C. ଙ୍କୁ ନିର୍ଦ୍ଦେଶ ଥିଲେ ମଧ୍ୟ ଦୀର୍ଘ ତିନି ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକାରୀ ନ ହୋଇ ପାରିବାର କାରଣ କଣ, ନିର୍ଦ୍ଦିଷ୍ଟ ଭାବେ କେବେସୁଧା କୋର୍ଟ ଆଦେଶ କାର୍ଯ୍ୟକାରୀ ହେବ ଅବା ହେବନା ଜଣାଇବେ କି ?

----

## ନୟନଜୋରୀର ପୁନଃ ରୁଦ୍ଧାର

364 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- BMC ଅଧିନ WARD No.-04 ପାହାଳଠାରେ ଥିବା ନୟନଜୋରୀ (ପ୍ରାକୃତିକ ନାଳ) ଯାହା ରୁଦ୍ରପୁର ଦେଇ ପୁରୀ କେନାଲରେ ମିଶୁଥିଲା, ତାହା ଅବରୋଧ ହେବା ଯୋଗୁଁ ଜଳ ନିଷ୍କାସନ ହୋଇ ପାରୁନାହିଁ ତତଦ୍ୱାରା ସେଠାରେ ଥିବା ବ୍ୟବସାୟିକ ସଂସ୍ଥା ଏବଂ ବାସିନ୍ଦା ନାହିଁ ନ ଥିବାର ଅସୁବିଧା ଭୋଗିବା ସତ୍ୟ କି, ଉତ୍ତର ଯଦି ହଁ ହୁଏ ନିର୍ଦ୍ଦିଷ୍ଟ ଭାବେ କେବେସୁଧା ଉକ୍ତ ନୟନଜୋରୀ (ପ୍ରାକୃତିକ ନାଳ) ପୁନଃଉଦ୍ଧାର ହେବ ଜଣାଇବେ କି, ଉକ୍ତ ଅଞ୍ଚଳରୁ ଅଧିକ ହୋଲଡିଙ୍ଗ ଟିକସ ଆଦାୟ ହେଉଥିବା ସତ୍ତ୍ୱେ ଏତେ ଅଣଦେଖାର କାରଣ କଣ ଜଣାଇବେ କି ?

----

## Yellow Zone ରେ ପରିବର୍ତ୍ତନ ହୋଇଥିବା ମୌଜାର ତାଲିକା

365 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ମହାନଗର ଅନ୍ତର୍ଗତ କେଉଁ କେଉଁ ମୌଜାକୁ ଗତ ଦଶ ବର୍ଷ ମଧ୍ୟରେ Yellow Zone କୁ ପରିବର୍ତ୍ତନ କରାଯାଇଛି ତାହାର ଏକ ତାଲିକା ପ୍ରଦାନ କରିବା ସହିତ BMC ଅନ୍ତର୍ଗତ ବାଙ୍କୁଆଳ ଓ ବାସୁଆଘାଇ ମୌଜା Sensitive Zone ହୋଇଥିବାରୁ ସେଠାରେ ବସବାସ କରୁଥିବା ଲୋକମାନେ ଘର ତିଆରି କରିବା ପାଇଁ BDA Plan ଦେଉନଥିବାରୁ ତଥା ଏହି ମୌଜାରେ ବହୁ ଲୋକ ଘର ତିଆରି କରିସାରିଥିବା ଦୃଷ୍ଟିରୁ ସେହି ମୌଜାର ଘରବାଡି ଜମିଗୁଡ଼ିକୁ Yellow Zone ରେ ପରିବର୍ତ୍ତନ କରିବା ପାଇଁ ସରକାର କଣ କଣ ପଦକ୍ଷେପ ନେଉଛନ୍ତି ତାହା ଜଣାଇବେ କି ?

----

## ପାଉଁଶ ପରିବହନର ଖର୍ଚ୍ଚ ବହନ କରିବା ସମ୍ପର୍କରେ

366 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ତାପଜ ବିଦ୍ୟୁତ କେନ୍ଦ୍ରମାନଙ୍କରୁ ଉତ୍ପନ୍ନ ପାଉଁଶର ସୁବିନିଯୋଗ ନିମନ୍ତେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ନୂଆଦିଲ୍ଲୀଙ୍କ ତରଫରୁ ତା.25.01.2016 ରିଖରେ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ ବିଦ୍ୟୁତକେନ୍ଦ୍ରମାନେ ସେମାନଙ୍କର ବିଦ୍ୟୁତ କେନ୍ଦ୍ରର 100 କି.ମି. ଦୂରତା ମଧ୍ୟରେ ଅବସ୍ଥିତ ପାଉଁଶ ଇଟା କାରଖାନା ଦ୍ୱାରା ପାଉଁଶ ପରିବହନର ସମସ୍ତ ଖର୍ଚ୍ଚ ବହନ କରିବାର ବ୍ୟବସ୍ଥା ଥିବା ପରିପ୍ରେକ୍ଷୀରେ ଏହି ବିଜ୍ଞପ୍ତିକୁ କାର୍ଯ୍ୟକାରୀ କରାଯାଉଛି କି ନାହିଁ, ବିଦ୍ୟୁତକେନ୍ଦ୍ରମାନେ ପାଉଁଶ ଇଟା କାରଖାନାକୁ ଯୋଗାଉଥିବା ପାଉଁଶର ପରିବହନ ଖର୍ଚ୍ଚ ବହନ କରୁଛନ୍ତି କି ନାହିଁ ତାହା ତଦାରଖ କରିବା ପାଇଁ ସରକାରଙ୍କର କି ବ୍ୟବସ୍ଥା ରହିଛି ତାହା ପ୍ରକାଶ କରିବେ କି, (ଖ) 2020-21 ଓ 2021-22 ବର୍ଷରେ କେଉଁ କେଉଁ ତାପଜ ବିଦ୍ୟୁତକେନ୍ଦ୍ର କେତେ ପରିମାଣର ପାଉଁଶ ଇଟା କାରଖାନାକୁ ଯୋଗାଇ ଦେଇ କେତେ ପରିବହନ ଖର୍ଚ୍ଚ ସମ୍ପୃକ୍ତ ବିଦ୍ୟୁତ ଉତ୍ପନ୍ନ କରୁଥିବା କମ୍ପାନୀ ବହନ କରିଛନ୍ତି ତାର ବିବରଣୀ ପ୍ରଦାନ କରିବେ କି ?

----

## ପରିବେଶ ପ୍ରଦୂଷଣ ଜନିତ କ୍ଷତି ସମ୍ପର୍କରେ

**367 ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)** :

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ପ୍ରଦୂଷଣକାରୀ ଶିଳ୍ପ ଖଣିଜ ଉତ୍ତୋଳନ, ପରିବହନ କାର୍ଯ୍ୟ ଚାଲୁଥିବାରୁ ପରିବେଶ ପ୍ରଦୂଷଣ ଜନିତ କ୍ଷତି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ସହୁଥିବା ପରିପ୍ରେକ୍ଷୀରେ ଦେଶ ଓ ଅନ୍ୟ ରାଜ୍ୟ ବ୍ୟାପକ ଲାଭ ପାଉଥିବାବେଳେ ସେହି ତୁଳନାରେ ଓଡିଶା କ୍ଷତିଗ୍ରସ୍ତ ହେଉଅଛି, ଏହି ପ୍ରତିକାର ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ଯୋଜନା କଣ ରହିଛି, କି କି ଦୀର୍ଘମିଆଦୀ ଯୋଜନା କେବେ ପ୍ରସ୍ତୁତ କରାଯାଇଛି ଓ କଣ କରିବାକୁ ଅଛି ତାର ରୂପରେଖ ସମ୍ପର୍କରେ ଅବଗତ କରିବେ କି ?

----

## ସଙ୍ଗଠିତ ଓ ଅସଙ୍ଗଠିତ ଶ୍ରମିକମାନଙ୍କ ଭିତରେ ଥିବା ବ୍ୟବଧାନ

**368 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)** :

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସଙ୍ଗଠିତ ଓ ଅସଙ୍ଗଠିତ ଶ୍ରମିକଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ କେତେ ଓ କି ପ୍ରକାର ବ୍ୟବଧାନମାନ ରହିଛି ଏବଂ ତାର କାରଣ କଣ, ରାଜ୍ୟରେ କେଉଁ ପ୍ରକାର ଓ କେତେ ଅସଙ୍ଗଠିତ ଶ୍ରମିକ ରହିଛନ୍ତି ତାର କୌଣସି ସର୍ଭେ ବା ଆକଳନ କରାଯାଇଛି କି, ଯଦି ଉତ୍ତର ହଁ, ତେବେ ସେମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ବିଗତ ବର୍ଷମାନଙ୍କରେ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଇଛନ୍ତି କି, ଯଦି ଉତ୍ତର ହଁ, ତେବେ ସେଗୁଡିକ କଣ ଏବଂ ସେ ସେହି କାର୍ଯ୍ୟକ୍ରମରୁ କେତେ ଅସଙ୍ଗଠିତ ଶ୍ରମିକ କିଭଳି ରୂପେ ଉପକୃତ ହୋଇଛନ୍ତି, ଯଦି ନା, ତେବେ ସର୍ଭେ କରିବାକୁ ସରକାର ପଦକ୍ଷେପ ନେବେ କି, ଯଦି ଅସଙ୍ଗଠିତ ଶ୍ରମିକଙ୍କ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ, ତେବେ ସେମାନଙ୍କୁ ପଞ୍ଜୀକରଣ କରି ସର୍ବନିମ୍ନ ଆବଶ୍ୟକତାମାନ ପୂରଣ କରିବେ କି ?

----

## ରାସ୍ତା ମରାମତି ନିମନ୍ତେ ଅନୁଦାନ

**369 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)** :

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ)ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ କେଉଁ କେଉଁ ବର୍ଗ (ପ୍ରକାର) ର କେତେ କି.ମି. ରାସ୍ତା ରହିଛି, ସମ୍ପୃକ୍ତ ରାସ୍ତାର ମରାମତି ସ୍ୱତନ୍ତ୍ର ମରାମତି ଓ ବାର୍ଷିକ ମରାମତି (ରକ୍ଷଣାବେକ୍ଷଣ) ନିମନ୍ତେ 2014-15 ରୁ 2021-22 ବର୍ଷ ନିମନ୍ତେ କେତେ ଅର୍ଥ ଆବଶ୍ୟକତା ଥିଲା, ଆବଶ୍ୟକତା ଆଧାରରେ କେଉଁ ବର୍ଷ କେଉଁ କେଉଁ ଯୋଜନା /କାର୍ଯ୍ୟକ୍ରମର କେଉଁ ସୂତ୍ରରୁ କେତେ ଅର୍ଥ ଅନୁଦାନ ମିଳିଥିଲା ଓ କେତେ ଅର୍ଥ କେଉଁ ବର୍ଷ ବ୍ୟୟ କରାଯାଇଥିଲା, ଆବଶ୍ୟକତା ଆଧାରରେ ଅର୍ଥ ମିଳୁନଥିବା କାରଣରୁ କେଉଁ ଜିଲ୍ଲାର କେତେ କି.ମି ରାସ୍ତା ଉପଯୁକ୍ତ ଭାବେ ମରାମତି ହୋଇପାରି ନାହିଁ, ତାର ବିବରଣୀ ଉପସ୍ଥାପନ କରିବେ କି, (ଖ) ସମସ୍ତ ରାସ୍ତାର ଉପଯୁକ୍ତ ରକ୍ଷଣାବେକ୍ଷଣ ନିମନ୍ତେ କେତେ ଅର୍ଥ ଆବଶ୍ୟକ ଅଟେ ଓ ଆବଶ୍ୟକ ହେଉଥିବା ଅର୍ଥ ବ୍ୟବସ୍ଥା ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ କଣ କରିବାକୁ ଯାଉଛନ୍ତି ?

----

## ଅସ୍ଥାୟୀ/ଠିକା କର୍ମଚାରୀ ମାନଙ୍କୁ ଅଗ୍ରିମ ଦେବାର ବ୍ୟବସ୍ଥା

370 **ଶ୍ରୀ ଚକ୍ରମଣି କହଁର (କନ୍ଧମାଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ତା.24.08.2020 ରିଖ ଠାରୁ ତା.09.01.2022 ରିଖ ପର୍ଯ୍ୟନ୍ତ ଅସ୍ଥାୟୀ/ଠିକା କର୍ମଚାରୀ ମାନଙ୍କୁ ଅଗ୍ରିମ ଦେବାର ବ୍ୟବସ୍ଥା ଅଛି କି, ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅସ୍ଥାୟୀ କର୍ମଚାରୀମାନଙ୍କୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ କେତେ ଅର୍ଥ ଓ କେଉଁ କେଉଁ କାର୍ଯ୍ୟ ନିମନ୍ତେ ଅଗ୍ରିମ ଦିଆଯାଇଛି ପୂର୍ଣ୍ଣାଙ୍ଗ ତଥ୍ୟ ଉପସ୍ଥାପନ କରିବେ କି ?

----

## ବାଲିଗୁଡା ବିଜ୍ଞାପିତ ଅଞ୍ଚଳର ଦୁର୍ନୀତି

371 **ଶ୍ରୀ ଚକ୍ରମଣି କହଁର (କନ୍ଧମାଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦର ଅସ୍ଥାୟୀ କର୍ମଚାରୀ MIS CP ଙ୍କ ନାନରେ ଦୁର୍ନିତୀ ନିବାରଣ ବିଭାଗ ଦ୍ୱାରା ହୋଇଥିବା PMAY (PRADHAN MANTRI AWAS YOJANA) ସମ୍ପର୍କିତ ତଦନ୍ତ ରିପୋର୍ଟ ଦୁର୍ନିତି ନିବାରଣ ବିଭାଗକୁ ତଦନ୍ତ ରିପୋଟର ନକଲ ପ୍ରଦାନ କରାଯାଇଅଛି କି ଯଦି ଉତ୍ତର ହଁ ହୁଏ ତା ହେଲେ ତଦନ୍ତ ରିପୋର୍ଟର ତଥ୍ୟ ପ୍ରଦାନ କରିବେ କି, ଯଦି ଉତ୍ତର ନା ହୁଏ, ତାହେଲେ ଜନସାଧାରଣ କରିଥିବା ଅଭିଯୋଗ ସହିତ ସରକାରଙ୍କ 5T ଓ ମୋ ସରକାର ନିୟମାନୁଯାୟୀ ପୌର କର୍ତ୍ତୃପକ୍ଷ କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ଜଣାଇବେ କି, CONTRACTUAL COMMUNITY ORGANISER 2019 ମସିହା ଜାନୁଆରୀ ଠାରୁ 2021 ମସିହା ଡିସେମ୍ବର ପର୍ଯ୍ୟନ୍ତ ADVANCE TOUR PROGRAMME) ଅଗ୍ରିମ ଗସ୍ତ କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିବେ କି ସେ ପ୍ରତିଦିନ କେଉଁ କେଉଁ ୱାର୍ଡ ଗସ୍ତ କରିଛନ୍ତି, ଗସ୍ତ ଖର୍ଚ୍ଚ ନେଇଛନ୍ତି କି ନାହିଁ ଜଣେଇବେ କି ?

----

## Status of Permission to sale land

372 **Dr. Pradeep Kumar Panigrahy (Gopalpur):**

Will the Minister for **Law** be pleased to state that:-:- Detailed status of permission to sale land and pending for permission before Endowment Department of different temple of Odisha and how many deity of temple deprived of puja due to dispute of land and hundi?

----

## Number of family applied under World Bank Assisted

373 **Dr. Pradeep Kumar Panigrahy (Gopalpur):**

Will the Minister for **Revenue and Disaster Management** be pleased to state that:-:- How many family applied under World Bank Assisted Disaster Response house in Rangeilunda Block with details of infrastructure taken under this scheme, state village with applicant and selection list and rejection

list and completed house and uncompleted house list?

----

## ବେତନଟିକୁ NAC ର ମାନ୍ୟତା

374 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବହୁବାର ବିଧାନସଭାରେ ଉପସ୍ଥାପନ ହେଲାପରେ ମଧ୍ୟ ବଡସାହି ନିର୍ବାଚନ ମଣ୍ଡଳୀରେ ଥିବା ବେତନଟି NAC ର ମାନ୍ୟତା ନପାଇବାର କାରଣ କଣ, କେବେସୁଦ୍ଧା ବେତନଟିକୁ NAC ର ମାନ୍ୟତା ଦିଆଯିବ ତାହା ଜଣାଇବେ କି ?

----

## ବଡସାହିରେ Sub-Register ଅଫିସ ସ୍ଥାପନ

375 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡସାହି ନିର୍ବାଚନ ମଣ୍ଡଳୀର ସର୍ବ ବୃହତ ବ୍ଲକ ତଥା 30ଟି ପଞ୍ଚାୟତକୁ ନେଇ ବଡସାହି ବ୍ଲକ ଗଠିତ କିନ୍ତୁ ବିଧାନସଭାରେ ବାରମ୍ବାରା ଉପସ୍ଥାପନ କଲାପରେ ମଧ୍ୟ ବଡସାହିରେ Sub-Register ଅଫିସ ନହେବାର କାରଣ କଣ ଏବଂ କେବେସୁଦ୍ଧା ବଡସାହିରେ ସବ୍ ରେଜିଷ୍ଟ୍ରାର ଅଫିସ୍ ହବ ଅବଗତ କରାଇବେ କି ?

----

## ଜଗନ୍ନାଥ ପ୍ରସାଦ ବାଲିଘାଟ ନିଲାମ ପାଇଁ ଅର୍ଥ ପ୍ରଦାନ

376 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଣ୍ଡାରିପୋଖରି ତହସିଲ ଦ୍ୱାରା ବୈତରଣୀ ନଦୀରେ ନିଲାମ କରାଯାଇଥିବା ଜଗନ୍ନାଥ ପ୍ରସାଦ ବାଲିଘାଟ ପାଇଁ ନିଲାମ ଧାରି ପ୍ରତ୍ୟକ ବର୍ଷ କେତେ ଟଙ୍କା ପ୍ରଦାନ କରିବେ ବୋଲି କେଉଁ ତାରିଖରେ ସରକାରଙ୍କ ସହିତ ଚୁକ୍ତି କରିଥିଲେ ଏବଂ ସେ କେଉଁ କେଉଁ ତାରିଖରେ କେତେ ଟଙ୍କା ସରକାରଙ୍କୁ ପ୍ରଦାନ କରିଛନ୍ତି, ସେ ତାଙ୍କ ସମ୍ପୂର୍ଣ୍ଣ ଅର୍ଥ ସରକାରଙ୍କୁ ପ୍ରଦାନ କରିଛନ୍ତି କି ଯଦି ନ କରିଥାନ୍ତି ତାହେଲେ ସରକାର ତାଙ୍କ ବିରୋଧରେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## 'ହର ଘର ନଲ ସେ ଜଲ' ଯୋଜନା ସମ୍ପର୍କରେ

377 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ଜଳ ଜୀବନ ମିସନ ଅନ୍ତର୍ଗତ "ହର ଘର ନଲ ସେ ଜଲ" ମାଧ୍ୟମରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଛି, ଏହି ଯୋଜନା କାର୍ଯ୍ୟକାରୀ ହେବାଦିନଠାରୁ 2022 ଫେବୃଆରୀ ଶେଷ ସୁଦ୍ଧା କେନ୍ଦ୍ର ସରକାର କେତେ ଟଙ୍କା ଦେଇଛନ୍ତି, ଏବଂ ରାଜ୍ୟ ସରକାର କେତେ ଟଙ୍କା ଦେଇଛନ୍ତି, ଜିଲ୍ଲାୱାରୀ ଏହି ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ଜିଲ୍ଲାୱାରୀ କେତୋଟି ଗ୍ରାମ ଓ ପରିବାର ଏହାଦ୍ୱାରା ଉପକୃତ ହୋଇଛନ୍ତି, କେତେ ପ୍ରତିଶତ ଲକ୍ଷ ସଫଳ ?

----

## R.D. ରାସ୍ତା ଗୁଡିକର ମରାମତି କାର୍ଯ୍ୟ

378 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନମଣ୍ଡଳୀରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଗୁଡ଼ିକର ଉପଯୁକ୍ତ ମରାମତି ଓ ରକ୍ଷଣା ବେକ୍ଷଣ ଅଭାବରୁ ଅତ୍ୟନ୍ତ ଗୋପନୀୟ ଅବସ୍ଥା ଦୃଷ୍ଟିରୁ ବର୍ଷାଦିନେ ସାଧାରଣ ଲୋକଙ୍କ ଯାତାୟତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇ ପଡୁଛି ଏଣୁ ବର୍ଷାଦିନ ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ R.D. ରାସ୍ତା ଗୁଡିକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## Record update କରିବା ସମ୍ପର୍କରେ

379 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରୀ ବାସଗୃହ ପାଇଥିବା କର୍ମଚାରୀ ମାନଙ୍କ ଦରମାରୁ ପ୍ରତିମାସରେ Water/Sewerage Tax କଟୁଥିଲେ ମଧ୍ୟ ଦୀର୍ଘ ଦିନ ଧରି ଏ ଗୁଡିକର Record Update ହେଉନଥିବା କଥା ସତ୍ୟ କି, Update ନହେବା ଫଳରେ ଅବସର ଗ୍ରହଣ ସମୟରେ ସମ୍ପୃକ୍ତ କର୍ମଚାରୀ ମାନେ N.D.C ପାଇଁ ପୁଣି ଅର୍ଥ ଡିପୋଜିଟ କରିବା ପାଇଁ ପଡୁଛି ଏହା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଯଦି ହଁ ଏହା କେବେ ଠାରୁ Update କରାଯାଇନାହିଁ କରାନଜିବାର କାରଣ କଣ ଏହି Record ତୁରନ୍ତ Update କରିବା ପାଇଁ ପଦକ୍ଷେପ ନେବେ କି ?

----

## Plots for Public auction by BDA

380 **Shri. Shankar Oram (Biramitrapur):**

Will the Minister for **Housing & Urban Development** be pleased to state that:- :- How many nos. of residential plots as well as commercial plots put for public auction by BDA in BMC area from the year 1st January, 2015 to as on date the detail list of plots put to auction by BDA to different areas with price offer obtained from the bidder against each of the plot along with detail name of the applicants with their address those have been participated in different auction sale of plots along with name of the applicants own the auction sale of

the plots in BDA from January, 2016 to as on date in detail may be furnished ?

----

## ହିତାଧିକାରୀ ମାନଙ୍କୁ ଜମି ଚିହ୍ନଟ କରିବା ପାଇଁ ପଦକ୍ଷେପ

381 **ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲୀ (ଜଗତସିଂହପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭଗବାନପୁର ମୌଜାର କଳିଙ୍ଗ ବିହାର ରାଜସ୍ୱ ବିଭାଗର ପଟାର ଖତିଆନ ନଂ-୬୬୪/୧୭୩୨ ପ୍ଲଟ ନଂ-1 ର ନକ୍ସା ଅନୁଯାୟୀ ସେହି ପ୍ଲଟରେ କେତେ ଜଣଙ୍କୁ ଜମି ଚିହ୍ନଟ କରାଯାଇଛି ଆଉ କେତେଜଣଙ୍କୁ ଜମି ଚିହ୍ନଟ ନ କରିବା କଥା ସତ୍ୟ କି ଯଦି ସତ୍ୟ ତାହାହେଲେ ସମ୍ପୃକ୍ତ ଅଧିକାରୀ ନକ୍ସା ଏବଂ ପଟ୍ଟା ଅନୁଯାୟୀ ହିତାଧିକାରୀ ମାନଙ୍କୁ ଜମି ଚିହ୍ନଟ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବେ କି ?

----

## କୋରାପୁଟ ଜିଲ୍ଲାରେ ଚାରା ରୋପଣ

382 **ଶ୍ରୀ ପିତମ୍ ପାଢୀ (ପଟାଙ୍ଗୀ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୩ ବର୍ଷ ମଧ୍ୟରେ କୋରାପୁଟ ଜିଲ୍ଲାରେ କେଉଁ କେଉଁ ରେଞ୍ଜର ଅଧିନରେ କେତେ ଚାରା ରୋପଣ କରାଯାଇଛି ଓ କେତେ ଟଙ୍କା ଅନୁଦାନ ଆସିଅଛି ତାହାର ସବିଶେଷ ବିବରଣି ପ୍ରଦାନ କରିବେ କି ?

----

## ସୁନ୍ଦରଗଡ ଜିଲ୍ଲାରେ ବୃକ୍ଷ ରୋପଣ

383 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଙ୍ଗଲ ବିଭାଗ ଦ୍ୱାରା ବିଗତ 2019-2020 ଠାରୁ ଆଦ୍ୟାବଧି ସୁନ୍ଦରଗଡ ଜିଲ୍ଲାରେ କେତେ ପରିମାଣର ବୃକ୍ଷ ରୋପଣ କରାଯାଇଛି ଓ 2022 ସୁଦ୍ଧା କେତେ ପରିମାଣ ଗଛ ବଞ୍ଚି ରହିଛି ତାର ବିବରଣୀ ଦେବେ କି ?

----

## ନବନିର୍ବାଚିତ ସରପଞ୍ଚ, ସମିତି ସଦସ୍ୟଙ୍କ ତାଲିକା

384 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନମଣ୍ଡଳୀରେ ନବନିର୍ବାଚିତ ସରପଞ୍ଚ, ସମିତ୍ତି ସଦସ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କର ନାମ ଓ ଠିକଣା ଟେଲିଫୋନ ନମ୍ୱର ସହ ଏହାର ଏକ ତାଲିକା ଦେବେ କି ?

----

## ସ୍ଥାୟୀ/ୱାର୍କ ଚାର୍ଜ କରାଯାଇଥିବା D.L.R. NMR ଙ୍କ ସଂଖ୍ୟା

385 **ଶ୍ରୀ ଅନନ୍ତ ନାରାୟଣ ଜେନା ():**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନନୀୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ମହାନଗର ନିଗମରେ (କାର୍ଯ୍ୟାଳୟରେ/ଅଧିନରେ) କାର୍ଯ୍ୟରତ କେତେଜଣ DLR/NMR ଙ୍କୁ 12.04.1993 ପରେ ସ୍ଥାୟୀ/ୱାର୍କ ଚାର୍ଜ କରାଯାଇଛି କେତେ ଜଣ ଏପର୍ଯ୍ୟନ୍ତ ସ୍ଥାୟୀ/ୱାର୍କ ଚାର୍ଜ ହେବାପାଇଁ ବାକି ଅଛନ୍ତି କେବେ ସୁଦ୍ଧା କାର୍ଯ୍ୟରତ DLR/NMR ମାନଙ୍କୁ ସ୍ଥାୟୀ/ୱାର୍କ ଚାର୍ଜ କରାଯିବାର ଯୋଜନା କରାଯାଇଛି, ୧୨.05.1୨୨7 ମଧ୍ୟରେ କେତେଜଣ DLR/NMR ମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ସେମାନଙ୍କୁ ସ୍ଥାୟୀ/ୱାର୍କ ଚାର୍ଜ କରାଯିବା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ଉପରୋକ୍ତ ବିଷୟମାନଙ୍କ ପ୍ରତି ଏକ ତଥ୍ୟ ଭିତ୍ତିକ ବିବରଣୀ ପ୍ରାଦନ କରିବେ କି ?

----